## ବନ୍ଧୁକ ସହ ଯୁବକ ଗିରଫ

ବ୍ରଜରାଜନଗର,(ଡି.ଏନ.ଏ.): ବ୍ରଜରାଜନଗର ସହରକୁ ଅପରାଧ ମୁକ୍ତ କରିବାକୁ ପୋଲିସ ତରଫରୁ ପାଟ୍ରୋଲିଂ କଡାକଡି କରାଯାଇଛି। ଏପରିସ୍ଥଳେ ସୋମବାର ସନ୍ଧ୍ୟାରେ ପୋଲିସ ଚେକିଂ କରୁଥିବା ବେଳେ ମନୋଜ କିଷାନ ନାମକ ଯୁବକଙ୍କଠାରୁ ବନ୍ଧୁକ ଜବତ କରିଥିଲେ। ବ୍ରଜରାଜନଗର ଥାନା କେସ୍ ନଂ. ୨୧୪ରେ ପୋଲିସ ମାମଲା ରୁଜୁ କରି ମଙ୍ଗଳବାର ମନୋଜଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ବୈକୁଣ୍ଠ ବିହାରୀ ସେଠ ପ୍ରକାଶ କରିଛନ୍ତି। ଗିରଫ ଯୁବକଙ୍କ ଘର ରାଜପୁର ଗ୍ରାମରେ ବୋଲି ପୋଲିସ ପ୍ରକାଶ କରିଛି ।

### ସଂକ୍ଷେପରେ

## ମୌମିତା ରାଜଗାଙ୍ଗପୁର ବିଜେଡି ମହିଳା ସଭାପତି

ରାଜଗାଙ୍ଗପୁର,୧୦।୮ (ଡି.ଏନ.ଏ): ମଙ୍ଗଳବାର ଦିନ ରାଜ୍ୟ ମହିଳା ବିଜେଡି ସଭାପତି ସ୍ନେହାଙ୍ଗିନୀ ଛୁରିଆ ସୁନ୍ଦରଗଡ ଜିଲା ତଥା ରାଜଗାଙ୍ଗପୁର ମହିଳା ବିଜେଡିର ବିଭିନ୍ନ ପଦବୀ ଘୋଷଣା କରିଛନ୍ତି । ରାଜଗାଙ୍ଗପୁର ପୌରାଞ୍ଚଳ ପାଇଁ ବିଜେଡିର ମହିଳା ସଭାପତି ଭାବେ ୧୬ ନମ୍ବର ୱାର୍ଡର ମୌମିତା ସାନ୍ତରା ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ୧୮ ନମ୍ବର ୱାର୍ଡର ଭାରତୀ ପଢ଼ିଆରୀ ହୋଇଛନ୍ତି। ଏଥିସହ ୯ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ସୁଭଦ୍ରା ଷଡ଼ଙ୍ଗୀ ସୁନ୍ଦରଗଡ ଜିଲା ମହିଳା ବିଜେଡି ଉପସଭାପତି ଏବଂ ୧୧ ନଂ. ୱାର୍ଡର ଲତା ଜେନା, ୧୪ ନଂ. ୱାର୍ଡର ମାଧୁରୀ ଲୁଗୁନ, ବିମଳା ବାନାର୍ଜୀ ଓ ଜାମପାଲିର ମେରୀ ପୁଷ୍ପିକା ଆଇନ୍ଦ ସୁନ୍ଦରଗଡ ଜିଲା ମହିଳା ବିଜେଡି ସମ୍ପାଦକ ହୋଇଛନ୍ତି ।

## ସୁନ୍ଦରଗଡ଼ ଜିଲା ପାଠାଗାରରେ ଖୋଲିବ ଇ-ଲାଇବ୍ରେରି

ସୁନ୍ଦରଗଡ଼,୧୦।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ସଂସ୍କୃତି ଭବନଠାରେ ଥିବା ଜିଲସ୍ତରୀୟ ପାଠାଗାରରେ ଖୁବ୍‌ଶୀଘ୍ର ଇ-ଲାଇବ୍ରେରି ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ପାଳନ କରାଯାଉଥିବା 'ଆଜାଦି କି ଅମୃତ' ଉତ୍ସବ ଅବସରରେ ସୋମବାର ଜିଲାପାଳ ନିଖିଲ ପବନ କଲ୍ୟାଣ ଏହି ଇ-ଲାଇବ୍ରେରି ପାଇଁ କମ୍ପ୍ୟୁଟର ସେଟ୍‌ଅପ୍‌ର ଶୁଭାରମ୍ଭ କରିଛନ୍ତି।

ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଥିବା ଏହି ପାଠାଗାର ଜିଲାର ଏକ ପ୍ରମୁଖ ସର୍ବସାଧାରଣ ପାଠାଗାର ଭାବେ ପରିଚିତ। ଏଠାରେ ଆରମ୍ଭ ହେବାକୁ ଥିବା ଇ-ଲାଇବ୍ରେରିକୁ ଭୁବନେଶ୍ୱରସ୍ଥିତ ରାଜ୍ୟ ପାଠାଗାର ସହିତ ସଂଯୋଗ କରାଯିବ। ଫଳରେ ଏଠାକୁ ଆସୁଥିବା ପାଠିକା ପାଠକମାନେ ବିଭିନ୍ନ ବିଷୟରେ ଜ୍ଞାନ ଆହରଣ ସହ ଗବେଷଣା କାମ କରିପାରିବେ। ଇଣ୍ଟରନେଟ୍ ମାଧ୍ୟମରେ ଡିଜିଟାଲ ମିଡିଆର ବ୍ୟବହାର କରି ଶିକ୍ଷା, ଗବେଷଣା ଏବଂ ନିଯୁକ୍ତି ଲାଗି ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ର ଏବଂ ଯୁବପିଢ଼ିଙ୍କ ପାଇଁ ଏହା ବିଶେଷ ସହାୟକ ହେବ।

ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସ ଭାବେ



ଜିଲାପାଳ ଇ- ଲାଇବ୍ରେରିର ଶୁଭାରମ୍ଭ କରୁଛନ୍ତି ।

ପରିଚିତ। ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏହି ଦିନ ଠାରୁ ବ୍ରିଟିଶମାନଙ୍କ ବିରୋଧରେ ଭାରତ ଛାଡ଼ ଆନ୍ଦୋଳନ ଏକ ନୂଆ ରୂପ ନେଇଥିଲା। ଚଳିତବର୍ଷ ଭାରତୀୟ ସ୍ୱାଧୀନତା ସଂଗ୍ରାମର ୭୫ ବର୍ଷ ପୂର୍ତ୍ତି ଅବସରରେ ଅଗଷ୍ଟ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ 'ଆଜାଦି କି ଅମୃତ' ଉତ୍ସବ ପାଳନ କରାଯାଉଛି। ଏହି ଅବସରରେ ସୁନ୍ଦରଗଡ଼ ଜିଲା ପାଠାଗାରରେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଫଟୋଚିତ୍ର ସହ ସେମାନଙ୍କର ଜୀବନୀ ସମ୍ପର୍କିତ ପୁସ୍ତକ ପ୍ରଦର୍ଶିତ କରାଯାଉଛି। ଛାତ୍ରୀଛାତ୍ର ଓ ସାଧାରଣ ପାଠକମାନେ ପାଠାଗାରକୁ ଆସି ଏସବୁ ବହି ପଢ଼ି ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ଜାଣିପାରିବେ। ମହାତ୍ମା ଗାନ୍ଧୀଙ୍କଠାରୁ ଆରମ୍ଭ କରି ବିର୍ସା ମୁଣ୍ଡାଙ୍କ ପର୍ଯ୍ୟନ୍ତ ଅନେକ ସଂଗ୍ରାମୀ ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇଛନ୍ତି । ସେମାନଙ୍କର ସେହି ମହାନ ତ୍ୟାଗକୁ ଆଜିର ପିଢ଼ି ଜାଣିବା ଉଚିତ। ଏହା ସେମାନଙ୍କୁ ପ୍ରେରଣା ଓ ଉତ୍ସାହ ଯୋଗାଇବ ଏବଂ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ସେମାନେ ଯୋଡ଼ି ହେବାକୁ ଆଗେଇ ଆସିବେ। ତାହା ହିଁ ସେହି ସଂଗ୍ରାମୀମାନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ଜିଲାପାଳ ନିଖିଲ ପବନ କଲ୍ୟାଣ ଏହି ଅବସରରେ ପ୍ରକାଶ କରିଛନ୍ତି ।

### ରାଜ୍ୟ ପାଠାଗାର ସହ ସଂଯୋଗ ହେବ

କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅନିଲ କୁମାର କେର୍‌କେଟା, ସଂସ୍କୃତି ଭବନର କର୍ମଚାରୀ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର, ଯୁବପିଢ଼ି ଏବଂ ସାଧାରଣ ଲୋକଙ୍କ ଭିତରେ ବହି ପଢ଼ିବାର ଆଗ୍ରହ ବୃଦ୍ଧି କରିବା ପାଇଁ ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ 'ସୁନ୍ଦରଗଡ଼ ବହି ପଢ଼' କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ମାଧ୍ୟମରେ ଜିଲାରେ ଅଧିକ ସଂଖ୍ୟାରେ ସର୍ବସାଧାରଣ ପାଠାଗାର ସୃଷ୍ଟି ଲାଗି ପଦକ୍ଷେପ ନିଆଯାଉଛି। ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ସହାୟତାରେ ଜିଲାର ଗ୍ରାମାଞ୍ଚଳରେ ପାଠାଗାର ନିର୍ମାଣ କରାଯାଉଛି। ସୁନ୍ଦରଗଡ଼ ଜିଲାର ସ୍କୁଲ ଓ କଲେଜସ୍ତରରେ ଉନ୍ନତମାନର ପାଠାଗାର ନିର୍ମାଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି।

## ଜିଲା ବିଜୁ ଛାତ୍ର ଜନତା ଦଳର ବୈଠକ


ବୈଠକରେ ଉପସ୍ଥିତ ବିଜୁ ଛାତ୍ର ଜନତା ଦଳର ସଭ୍ୟମାନେ ।

ସୁନ୍ଦରଗଡ,୧୦।୮(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବିଜୁ ଛାତ୍ର ଜନତା ଦଳର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ସଭାପତି ସୟଦ ସେହବାଜ ହୁସେନ, ସୁନ୍ଦରଗଡ ପୌର ପରିଷଦ ବିଜୁ ଛାତ୍ର ଜନତା ଦଳର ସଭାପତି ସୁଶାନ୍ତ କୁମାର ଦେବ ଏବଂ ସଦର ବ୍ଲକ ବିଜୁ ଛାତ୍ର ଜନତା ଦଳର ସଭାପତି ଫକିର ଶେଖର ଦେଓ ଯୋଗ ଦେଇଥିଲେ। ତୃଣମୂଳ ସ୍ତରରେ ଛାତ୍ର ସଙ୍ଗଠନକୁ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ଆସନ୍ତା ୧୫ ତାରିଖ ସୁଦ୍ଧା ପ୍ରତ୍ୟେକ ପଞ୍ଚାୟତ ସ୍ତରରେ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ସୁନ୍ଦରଗଡ଼ ଜିଲାରେ ବିଜୁ ଜନତା ଦଳର କାର୍ଯ୍ୟକ୍ରମକୁ ଛାତ୍ର

### ତୃଣମୂଳ ସ୍ତରରେ ଛାତ୍ର ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ

ବିଜେଡି ବ୍ୟାପକ କରିବା ସହ ସୋସିଆଲ ମିଡିଆ ଜରିଆରେ ସରକାରଙ୍କ ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଛାତ୍ର ନେତୃମଣ୍ଡଳୀ ଶପଥ ଗ୍ରହଣ କରିଥିଲେ। ବୈଠକରେ ଅତିଥି ଭାବେ ବିଜେଡିର ପୌର ପରିଷଦ ସଭାପତି ସୁରେନ୍ଦ୍ର ଭିଡ୍ରିଆ, ଜିଲା ବିଜୁ ଛାତ୍ର ଜନତା ଦଳର ପର୍ଯ୍ୟବେକ୍ଷକ ଗୌରବ ବାରିକ ,ଦିନେଶ ଠାକୁର, ରଞ୍ଜିତ ରଣା, ତ୍ରିଲୋଚନ କୋକ, ଅନିରୁଦ୍ଧ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ଭାବ୍ୟ ମରୁଡି ମୁକାବିଲା ନେଇ ଦାବିପତ୍ର ପ୍ରଦାନ

### ଜିଲାପାଳଙ୍କୁ ଭେଟିଲେ ବିଜୁ କୃଷକ ଜନତା ଦଳ

ସୁନ୍ଦରଗଡ,୧୦।୮(ଡି.ଏନ୍.ଏ.): ଚଳିତ ଖରିଫ ଋତୁରେ ସୁନ୍ଦରଗଡ ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ସୃଷ୍ଟି ହୋଇଥିବା ସାମ୍ଭାବ୍ୟ ମରୁଡି ପରିସ୍ଥିତିର ମୁକାବିଲା ପାଇଁ ମଙ୍ଗଳବାର ବିଜୁ କୃଷକ ଜନତା ଦଳର ଏକ ପ୍ରତିନିଧି ଦଳ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ଭେଟି ଦାବି କରିଛନ୍ତି। ଏ ନେଇ ବିଜୁ କୃଷକ ଜନତା ଦଳର ଜିଲା ସଭାପତି ଗୋପାଳ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଏହି ଦାବିପତ୍ରରେ ଦର୍ଶାଯାଇଛି ଯେ, ଚଳିତ ଖରିଫ ଋତୁରେ ସୁନ୍ଦରଗଡ ଜିଲାରେ ବର୍ତ୍ତମାନ ସୁଦ୍ଧା ବୃଷ୍ଟିପାତ ଅତି କମ୍ ରହିଛି। ଯାହାଫଳରେ ଚାଷୀମାନେ ନିଜର ଚାଷ କାର୍ଯ୍ୟ କରିପାରୁ ନାହାନ୍ତି । ଜୁନ୍ ମାସରେ ମୌସୁମୀ ଆସି ଭଲ ବୃଷ୍ଟିପାତ ହୋଇଥିବା ବେଳେ ଚାଷୀମାନେ ଧାନବୁଣା ଏବଂ ତଳିପକା କାର୍ଯ୍ୟ ସଂପାଦନ କରିଥିଲେ। ତଳିରୁଆ ଓ ଧାନ ବେଉଷଣ କାର୍ଯ୍ୟ ପ୍ରାୟ୍ ଜୁଲାଇ ଏବଂ ଅଗଷ୍ଟ ମାସରେ କରାଯାଇଥାଏ । ଏବର୍ଷ ଜୁଲାଇ ଏବଂ ଅଗଷ୍ଟ ମାସରେ କମ୍ ବର୍ଷା ଚାଷୀକୁଳକୁ ହତାଶ କରଛି । ବର୍ତ୍ତମାନ ସୁଦ୍ଧା ଅଧିକାଂଶ ଜମିରେ ତଳିରୁଆ ଏବଂ ବେଉଷଣ କାର୍ଯ୍ୟ ହୋଇ ନ ପାରିବାରୁ ଜମି ପଡିଆ ରହିଛି । ଧାନବୁଣା ହୋଇଥିବା କ୍ଷେତଗୁଡିକ ବର୍ଷା ଅଭାବରୁ ଶୁଖି ଯିବାରୁ ସେଗୁଡିକରେ ଗୋରୁ ଗାଈ ଚରୁଛନ୍ତି । ଜିଲାରେ ଜଳସେଚନର ବିଶେଷ ସୁବିଧା ନ ଥିବାରୁ ଚାଷୀମାନେ ଖରିଫ ଚାଷ ପାଇଁ ବର୍ଷାଜଳ ଉପରେ ନିର୍ଭର କରିଥାଆନ୍ତି । ଘରେ ରଖିଥିବା ବିହନ ଏବଂ ସାର କ୍ରୟ କରି ଖର୍ଚ୍ଚାନ୍ତ ହୋଇ ସାରିଥିବା ଚାଷୀମାାନେ ଏବେ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଏଭଳି ସ୍ଥିତିରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଦେଖା ଦେଇଥିବା ସାମ୍ଭାବ୍ୟ ମରୁଡିର ମୁକାବିଲା ନିମନ୍ତେ ଜିଲା ପ୍ରଶାସନ ପଦକ୍ଷେପ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିବାକୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ଜିଲା ବିଜୁ କୃଷକ ଜନତା ଦଳର ସାଧାରଣ ସଂପାଦକ ଅନୀଲ ମହାପାତ୍ର ,ବରିଷ୍ଠ ନେତା ଗୋପ ମହାନ୍ତି ,ଜୟ ନାରାୟଣ ତ୍ରିପାଠୀ ,ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ପ୍ରମୁଖ ସାମିଲ ଥିଲେ ।

## ଦେବଗଡ଼ ପୌର ପରିଷଦର ସମୀକ୍ଷା ବୈଠକ


ପୌର ପରିଷଦ ବୈଠକରେ ଉପସ୍ଥିତ ଜନପ୍ରତିନିଧି ଏବଂ ଅଧିକାରୀ।

ଦେବଗଡ଼,୧୦।୮(ଡ଼ି.ଏନ୍.ଏ.)

ଦେବଗଡ଼ ପୌର ପରିଷଦର ସମ୍ମିଳନୀ କକ୍ଷରେ ମଙ୍ଗଳବାର କୋଭିଡ୍ ନିୟମ ଅନୁଯାୟୀ ଏକ ସମୀକ୍ଷା ବୈଠକ ହୋଇଯାଇଛି। ବୈଠକରେ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପୌର ପରିଷଦ ଅଧିକାରୀ ଅତସୀ ପରିଡ଼ା, ପୌର ପରିଷଦର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଷୋହଳ ବଖରୀକଟାର ଉନ୍ନତୀକରଣ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ପୌର ପରିଷଦର ଅବସରପ୍ରାପ୍ତ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ଅନୁଯାୟୀ ପ୍ରାପ୍ୟ ପ୍ରଦାନ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଠା ଦୋକାନୀମାନଙ୍କ ବିଭିନ୍ନ ସମସ୍ୟା ସାଙ୍ଗକୁ ପ୍ରଧାନପାଟରେ ଥିବା ପୌର ପରିଷଦ ଉଦ୍ୟାନର ଉନ୍ନତୀକରଣ ନିମନ୍ତେ ଆଲୋଚନା କରାଯାଇଥିଲା। ସେହିପରି ଦେବଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ପ୍ରଧାନପାଟଙ୍କ ଭବ୍ୟ ମନ୍ଦିର ଉନ୍ନତୀକରଣ ସାଙ୍ଗକୁ ସ୍ମାର୍ଟ ପାର୍କ ନିର୍ମାଣ, ଶ୍ମଶାନଘାଟର ଉନ୍ନତୀକରଣ, ମୁକ୍ତା ଯୋଜନା, ସ୍ୱଚ୍ଛ ଭାରତ ମିଶନ, ବର୍ଷାଜଳର ରକ୍ଷଣାବେକ୍ଷଣ, ସଫେଇ କାର୍ଯ୍ୟ, ଗ୍ରୀନ୍‌ଫିଲ୍ଡ୍ ଲାଇଟ୍, ବସ୍‌ଷ୍ଟାଣ୍ଡର କାର୍ଯ୍ୟ ଶୀଘ୍ର ସମାପ୍ତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅନୁଦାନ ଉପଯୋଗ, ଦୈନିକ ବଜାର ତଥା ଜନଗହଳି ସ୍ଥାନରେ ପରିଶ୍ରାଗାର ନିର୍ମାଣ, ସହର ଦେଇ ଯାଇଥିବା ପୁରୁଣା ଜାତୀୟ ରାଜପଥର ସୌନ୍ଦର୍ଯ୍ୟକରଣ, ପ୍ରତି ୱାର୍ଡ଼ରେ ପରିଶ୍ରାଗାର ନିର୍ମାଣ,ପ୍ରତିୱାର୍ଡ଼ର ନୂତନ ରାସ୍ତାର ଉନ୍ନତି କରଣ ଏବଂ ପ୍ରତି ୱାର୍ଡ଼ରେ ବେସରକାରୀ ଭାବେ କାର୍ଯ୍ୟ ତୁଲାଇବା ପାଇଁ ସଫେଇ କର୍ମଚାରୀ ନିଯୁକ୍ତି ଆଦି ଉପରେ ଆଲୋଚନା କରି କାର୍ଯ୍ୟ କରାଯିବା ପାଇଁ ପାଣିଗ୍ରାହୀ ପରାମର୍ଶ ଦେଇଥିଲେ ।

## ଚୋରା ମଦ କାରବାରକୁ ନେଇ ଅସନ୍ତୋଷ

ରାଉରକେଲା ଅଫିସ,୧୦।୮

ଦକ୍ଷିଣ ରାଉରକେଲା ଟାଙ୍ଗରପାଲୀ ଥାନା ଅଞ୍ଚଳରେ ବ୍ୟାପକ ଚୋରା ମଦ କାରବାର ଚାଲିଛି। ଅଞ୍ଚଳର ଯୁବପିଢି ଡ୍ରଗ୍ସ କବଳିତ ହେବାରେ ଲାଗିଛନ୍ତି। ଥାନାଠାରୁ ମାତ୍ର ୫ଶହ ମିଟର ଦୂରରେ ଚୋରା ମଦ ଖଟି ଚାଲିଥିଲେ ମଧ ପୋଲିସ ଚୁପ୍ ବସିଛି। ଅଭିଯୋଗ କଲେ ପୋଲିସ ଅବକାରୀ ବିଭାଗ ମୁଣ୍ଡରେ ଦୋଷ ଲଦୁଥିବା ବେଳେ ଅବକାରୀ ପୋଲିସ ବିଭାଗକୁ ଦାୟୀ କରୁଛି। କରୋନା କଟକଣା ଯୋଗୁ ରାତି ୮ଟା ପରେ ଦୋକାନ ବଜାର ବନ୍ଦ ହୋଇଯାଉଥିବା ବେଳେ ଏସବୁ ବେଆଇନ ମଦ ଖଟିରେ ଭିଡ ଜମୁଛି। ଅବକାରୀ ବିଭାଗ ପକ୍ଷରୁ ନିୟମିତ ଚଢାଉ କରାଯାଉଥିବା କୁହାଯାଉଛି। ଏଥିରେ କେବଳ ମହୁଲି ଓ ହାଣ୍ଡିଆ ବିକି ପରିବାର ଚଳାଉଥିବା ଆଦିବାସୀଙ୍କୁ ବନ୍ଧାଯାଉଛି। ଯେଉଁମାନେ ଚୋରା ବିଦେଶୀ ମଦ କାରବାର କରି ସାମାଜିକ ଶୃଙ୍ଖଳା ଭାଙ୍ଗୁଛନ୍ତି ସେମାନଙ୍କ ପ୍ରତି ବିଭାଗ ସମ୍ପୂର୍ଣ୍ଣ ଭାବେ ଆଖି ବୁଜି ଦେଇଥିବା ଆଲୋଚନା ହେଉଛି। ଯଦି କେତେବେଳେ କାଁ ଭାଁ ଧରପଗଡ ହେଉଛି ସେଥିରେ ମଦ ବିକୁଥିବା ମାଲିକଙ୍କୁ ଛାଡି ଖଟିରେ କାମ କରୁଥିବା କର୍ମଚାରୀଙ୍କୁ ଗିରଫ କରାଯାଉଛି। ସେହିପରି ଦିନକୁ ଦିନ ଡ୍ରଗ୍ସ କାରବାର ବଢିଚାଲିଥିବା ବେଳେ ଯୁବ ଗୋଷ୍ଠୀ ନିଶା କବଳରେ ପଡି ଲୁଟ୍‌ପାଟ୍ କରିବାକୁ ପଛାଉ ନାହାଁନ୍ତି। ଥାନାଧିକାରୀ ରବିନ୍ଦ୍ର ପାତ୍ରଙ୍କୁ ପଚରାଯିବାରୁ ଏ ନେଇ କିଛି ଜାଣି ନାହାନ୍ତି। ଯଦି ଏଭଳି ବେଆଇନ କାରବାର ଚାଲିଥାଏ ତେବେ ଆମେ ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ସେ ପ୍ରତିକ୍ରିୟା ଦେଇଥିଲେ।

## ବିଭିନ୍ନ ପ୍ରକଳ୍ପ, ଯୋଜନାର ସମୀକ୍ଷା


ସୁନ୍ଦରଗଡ ବିକାଶ ଭବନଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧିକାରୀ ଓ ଅନ୍ୟମାନେ।

ସୁନ୍ଦରଗଡ,୧୦।୮(ଡି.ଏନ୍.ଏ.)

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମୀକ୍ଷା ବୈଠକ ମଙ୍ଗଳବାର ସ୍ଥାନୀୟ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଓ ଯୋଜନାଗୁଡିକର ସମୀକ୍ଷା କରାଯାଇଥିଲା। ପ୍ରାରମ୍ଭରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ କାର୍ଯ୍ୟର ଅଗ୍ରଗତି ନେଇ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ସରକାରଙ୍କ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ପହିଲାରେ ଆରମ୍ଭ ହେଉଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନ ସ୍ୱାସ୍ଥ୍ୟ ଯୋଜନା ଜିଲାରେ କିଭଳି ସଫଳତାର ସହ କାର୍ଯ୍ୟକାରୀ କରାଯିବ ସେ ସଂପର୍କରେ ଆଲୋଚନା ହୋଇଥିଲା। ସେହିପରି ହରିଶ୍ଚନ୍ଦ୍ର ଯୋଜନା ମାଧ୍ୟମରେ

### ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମୀକ୍ଷା ବୈଠକ

ଯେଭଳି ଗରିବ ଲୋକେ ଉପକୃତ ହେବେ ତାହା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲାର ସମସ୍ତ ବ୍ଲକ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟଗୁଡିକରେ ଇ-ଅଫିସ୍ ବ୍ୟବସ୍ଥା କାର୍ଯ୍ୟକାରୀ, ଏମଜିଏନଆରଇଜିଏସ ଯୋଜନାରେ ଅଧିକରୁ ଅଧିକ ଗରିବ ଲୋକଙ୍କୁ କାମ ଯୋଗାଇ ଦେବା, ଜିଲାରେ ନିର୍ମାଣାଧୀନ ମିଶନଶକ୍ତି ଓ ମମତା ଗୃହଗୁଡିକର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସଂପନ୍ନ କରାଯିବା, ଜିଲା ଖଣିଜ ପ୍ରତିଷ୍ଠାନ ଓ ଓଡିଶା ଖଣି ପାର୍ଶ୍ୱାଞ୍ଚଳ ଉନ୍ନୟନ ନିଗମ ସହାୟତାରେ ସାପ୍ତାହିକ ବଜାରର ଉନ୍ନତୀକରଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏହାଛଡା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ସେପ୍ଟେମ୍ବର ଶେଷ ସୁଦ୍ଧା ଆର୍ଥିକ ସହାୟତା ପ୍ରଦାନ, ସମସ୍ତ ବ୍ଲକ ସଦର ମହକୁମରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଫୁଡ କ୍ୟାଣ୍ଟିନ, ଜିଲାର ୧୭ଟି ବ୍ଲକରେ ଅତିକମ୍‌ରେ ୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଖରିଫ ଓ ରବି ଋତୁରେ ଧାନ ସଂଗ୍ରହ ଦାୟିତ୍ୱ, ଜିଲାର ସମସ୍ତ ହାଇସ୍କୁଲର ରୂପାନ୍ତରଣ କାର୍ଯ୍ୟ ଯଥାଶୀଘ୍ର ସଂପନ୍ନ କରାଯିବା ସଂପର୍କରେ ଜିଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଜିଲାରେ ୨୧ଟି ମିଶନଶକ୍ତି ଭବନ ନିର୍ମାଣ, ଅଙ୍ଗନଓ୍ୱାଡି କେନ୍ଦ୍ରଗୁଡିକରେ ପାନୀୟ ଜଳ ବ୍ୟବସ୍ଥା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରଜନୀ କୁଲୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ର, ୧୭ଟି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହକାରୀ ଯନ୍ତ୍ରୀ, ସମସ୍ତ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ।

## ଦରମା ନ ମିଳିବା ପ୍ରତିବାଦରେ ଧାରଣା

କୁତ୍ରା,୧୦।୯(ଡି.ଏନ.ଏ.)

ଦରମା ନ ମିଳିବା ପ୍ରତିବାଦରେ ଠିକା ଶ୍ରମିକମାନେ ମଙ୍ଗଳବାର ସ୍ଥାନୀୟ ଜେଏସଡବ୍ଲୁ କାରଖାନା ଆଗରେ ୫ ଘଣ୍ଟା ଧରି ଧାରଣା ଦେଇଥିଲେ। ଫଳରେ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସୂଚନାଯୋଗ୍ୟ, ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ତେଲିଘଣାଠାରେ ନିର୍ମାଣାଧୀନ ଜେଏସଡବ୍ଲୁ ସିମେଣ୍ଟ କାରଖାନାର ସଂପ୍ରସାରଣ କାର୍ଯ୍ୟ ଜୋରସୋରରେ ଚାଲିଛି । ସମ୍ପ୍ରସାରଣ କାର୍ଯ୍ୟ ପାଇଁ କାରଖାନା କର୍ତ୍ତୃପକ୍ଷ ଏଲଏଣ୍ଡଟି କମ୍ପାନୀକୁ ନିଯୁକ୍ତ କରିଥିବା ବେଳେ କମ୍ପାନୀ ଏହି କାର୍ଯ୍ୟରେ କେତେକ ପେଟି ଠିକାଦାର ନିଯୁକ୍ତ କରି ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ତେବେ ପେଟି ଠିକାଦାରଙ୍କ ଅଧୀନରେ କାର୍ଯ୍ୟରତ ଶହେରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ଆଜକୁ ସାଢେ ୩ ମାସ ହେବ ଦରମା ମିଳିନାହିଁ। କରୋନା ଯୋଗୁ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଏହି ସମୟରେ ଶ୍ରମିକଙ୍କୁ ମିଳୁନି ତାଙ୍କର ପାଉଣା। ଫଳରେ ପରିବାର ଭରଣପୋଷଣ କରିବା କଷ୍ଟକର ହୋଇପଡିଛି। ଫଳରେ ଶ୍ରମିକମାନେ କାରଖାନା ଆଗରେ ଧାରଣା ଦେଇ କାର୍ଯ୍ୟ ଠପ୍ କରିଥିଲେ । ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେବାରୁ ପେଟି ଠିକାଦାରମାନେ ଆସି ଶ୍ରମିକମାନଙ୍କୁ ବୁଝାଶୁଝା କରି ୪ ଦିନ ଭିତରେ ଦରମା ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। କାରଖାନା ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ଦାବି ହୋଇଛି।


କାରଖାନା ଆଗରେ ଶ୍ରମିକମାନେ।

## ପ୍ରଧାନଶିକ୍ଷକଙ୍କ ପରଲୋକ

ଲହୁଣୀପଡା,୧୦।୮(ଡି.ଏନ.ଏ.): ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ କିସାନ ଟାଙ୍ଗରପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରତ୍ନାକର ମାହାନ୍ତଙ୍କ ସୋମବାର ରାତ୍ରିରେ ପରଲୋକ ହୋଇଯାଇଛି । ଗୌତମଡିହିସ୍ଥିତ ନିଜ ବାସଭବନରେ ରବିବାର ସେ ରାତ୍ରି ଭୋଜନ କରୁଥିବା ସମୟରେ ହଠାତ୍ ରକ୍ତଚାପ ବଢ଼ିଯିବାରୁ ଅସୁସ୍ଥ ହୋଇ ତଳେ ପଡି ଯାଇଥିଲେ । ତାଙ୍କୁ ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ସୁଷମା, ଏକମାତ୍ର ଝିଅ ବର୍ଷା ଓ ପରିବାର ଲୋକ ଉପସ୍ଥିତ ଥିଲେ । ସେ ଦୀର୍ଘ ଦିନ ହେବ କିଡନୀ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ସ୍ୱର୍ଗତ ରତ୍ନାକର ଜଣେ ଛାତ୍ରବତ୍ସଳ ଶିକ୍ଷକ ଥିଲେ ।

## ପ୍ରତି ପଞ୍ଚାୟତରେ ଶିଶୁ ପାଇଁ ଦିନଟିଏ

ଦେବଗଡ଼,୧୦।୮(ଡ଼ି.ଏନ.ଏ.)

ନିଜ ମୌଳିକ ଅଧିକାରରୁ ବଞ୍ଚିତ ଥିବା ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କ ମୁହଁରେ ହସ ଫୁଟାଇବାକୁ ସରକାରୀ ସ୍ତରରେ ଆରମ୍ଭ ହୋଇଛି 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ। ଏହି ପରିପ୍ରେକ୍ଷୀରେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶ କ୍ରମେ ସୁନ୍ଦରଗଡ଼ ଜିଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶିଶୁ ପାଇଁ ଦିନଟିଏ ଶୀର୍ଷକ ସ୍ୱତନ୍ତ୍ର ଅଭିଯାନରେ ମଙ୍ଗଳବାର ଗୋଟିଏ ଦିନରେ ଜିଲାର ୭୦ଟି ପଞ୍ଚାୟତରେ ଗଠିତ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିର ତ୍ରୈମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ଅଧ୍ୟକ୍ଷତା କରିଥିବା ବେଳେ ପଞ୍ଚାୟତ ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶିକ୍ଷକ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଶିଶୁ ପ୍ରତିନିଧି, ଚାଇଲ୍ଡ ଲାଇନ ସଦସ୍ୟଙ୍କ ସମେତ ମୋଟ ୧୦୫୦ ଜଣ ଅଂଶଗ୍ରହଣ କରିଥିଲେ। ସରପଞ୍ଚମାନେ ଶିଶୁ ବିକାଶ ଓ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନା ଓ ଆଇନର କାର୍ଯ୍ୟକାରିତାକୁ ସମୀକ୍ଷା କରିଥିଲେ। ଆଶୀର୍ବାଦ ଯୋଜନାର



କାର୍ଯ୍ୟକ୍ରମରେ ଉପସ୍ଥିତ ଶିଶୁଙ୍କ ସମେତ ଜନପ୍ରତିନିଧି, ସରକାରୀ ଅଧିକାରୀ।

ସାମିଲ ହୋଇଥିବା ୧୦୩ ଜଣ ଶିଶୁଙ୍କ ସ୍ଥିତିର ସମୀକ୍ଷା କରାଯାଇଥିଲା । କରୋନା କାଳରେ ପିତାମାତା କିମ୍ବା ପରିବାରର ମୁଖ୍ୟ ରୋଜଗାରକ୍ଷମ ସଦସ୍ୟଙ୍କୁ ହରାଇଥିବା ୨୯୮ ଜଣ ଶିଶୁଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଆଶୀର୍ବାଦ ଯୋଜନାରେ ସହାୟତା ପ୍ରଦାନ କରିବାକୁ ୭୦ଟି ପଞ୍ଚାୟତ କମିଟିରୁ ସୁପାରିଶ କରଯାଇଥିଲା। ଏହି ଶିଶୁଙ୍କ ଯୋଗ୍ୟତାକୁ ଅନୁଧ୍ୟାନ କରି ଆଗାମୀ ଅଗଷ୍ଟ ୧୫ ସୁଦ୍ଧା ଆଶୀର୍ବାଦ ଯୋଜନାରେ ପିତାମାତାଙ୍କୁ ହରାଇଥିବା ଶିଶୁଙ୍କୁ ମାସିକ ୨୫୦୦ ଓ ପରିବାରର ମୁଖ୍ୟ ରୋଜଗାରକ୍ଷମ ସଦସ୍ୟଙ୍କୁ ହରାଇଟିବା ଶିଶୁଙ୍କୁ ମାସିକ ୧୫୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର କହିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ର, ସିଡିପିଓ ପ୍ରବୀଣା ମିଶ୍ର, ନମିତା ରାଉତ ଓ ମାନବୀ ରାୟ, ଚାଇଲ୍ଡ ଲାଇନ ନିର୍ଦ୍ଦେଶିକା ରୀତାରାଣୀ ରାଉତ, ଆକ୍ସନ ଏଡ୍ ଜିଲା ସଂଯୋଜକ ପୀତବାସ ବେହେରା ପ୍ରମୁଖ ବିଭିନ୍ନ ପଞ୍ଚାୟତକୁ ଯାଇ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଆସନ୍ତା ୧୭ ତାରିଖରେ ବ୍ଲକ ଅଧ୍ୟକ୍ଷ ଓ ବିଡିଓଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଧାର୍ଯ୍ୟ ହୋଇଥିବା ବ୍ଲକ ଶିଶୁ ସୁରକ୍ଷା କମିଟିର ସମୀକ୍ଷା ବୈଠକରେ, ସମସ୍ତ ପଞ୍ଚାୟତରୁ ହସ୍ତଗତ ହୋଇଥିବା ବିବରଣୀକୁ ସିଡିପିଓ ତଥା ଆବାହିକାମାନେ ଉପସ୍ଥାପନ କରିବେ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି।

## ନାକଟିଦେଉଳରୁ ଭୁବନେଶ୍ୱର ଗଡ଼ିଲା ସରକାରୀ ବସ୍



ନାକଟିଦେଉଳ,(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ ସଦର ମହକୁମାରୁ ରାଜଧାନୀ ଭୁବନେଶ୍ୱରକୁ ମଙ୍ଗଳବାରଠାରୁ ରାଜ୍ୟ ସଡ଼କ ପରିବହନ ନିଗମର ଏକ ବସ୍ ଯାତାୟାତ ଆରମ୍ଭ କରିଛି। ଏସି ଡ଼ିଲକ୍ସ ଏହି ସରକାରୀ ବସ୍‌ଟି ରିଆମାଳ, ଛତାବର, ଛେଣ୍ଡିପଦା, ଅନୁଗୋଳ, ରାସୋଳ, ସାତମୁଣ୍ଡିଆ, ଆଠଗଡ଼ ଦେଇ ଭୁବନେଶ୍ୱର ଯାଉଛି। ଫେରିବାବେଳେ ସେହି ରୁଟ୍ ଦେଇ ମଧ୍ୟ ଆସିବ। ସରକାରୀ ବସ୍ ଚଳାଚଳ ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରିଆସୁଥିଲେ। ଏଥିପାଇଁ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ତତ୍କାଳୀନ ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁଙ୍କୁ ଚିଠି ଲେଖିଥିଲେ।

## ସଂକ୍ଷେପରେ

### ବୁଢ଼ାରଜା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ଦିବସ

ସମ୍ବଲପୁର,୧୦।୮(ବ୍ୟୁରୋ): ବୁଢ଼ାରଜା ବାଳିକା ଉଚ୍ଚ ବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଦେହେରିପାଲିସ୍ଥିତ ସ୍କୁଲ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ସତ୍ୟ କୁମାରୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟି ସଭାପତି ଡ. ପରେଶ ଚନ୍ଦ୍ର ଦାନି ମୁଖ୍ୟଅତିଥି, ସଭ୍ୟ ଗିରିଜା ଶଙ୍କର ସାହୁ, ନରେନ୍ଦ୍ର କୁମାର ପ୍ରଧାନ, ସୂର୍ଯ୍ୟ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଗାମୀ ଦିନରେ ସ୍କୁଲର ବିକାଶ ଦିଗରେ କିପରି କାର୍ଯ୍ୟ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ୨୦୨୧ ଶିକ୍ଷା ବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରୀ ଆରତୀ କୁମାରୀ, ଦେବଜାନୀ ମହାନ୍ତି, ସ୍ନେହା ଶର୍ମାଙ୍କୁ ସାର୍ଟିଫିକେଟ, ଆର୍ଥିକ ସହାୟତା ଓ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ବିଦ୍ୟାଧର ନାୟକ, ସୁବ୍ରତା ପତି, ଭୀମସେନ ବାରିକ, ସୁଶାନ୍ତ ସାହୁ, ଶୁଭଲକ୍ଷ୍ମୀ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କ୍ରାନ୍ତି ଦିବସରେ ପ୍ରକୃତି ବନ୍ଧୁ, ପ୍ରକୃତି ମିତ୍ର ପୁରସ୍କାର

ସମ୍ବଲପୁର,୧୦।୮(ବ୍ୟୁରୋ): ସମ୍ବଲପୁର ବନଖଣ୍ଡ କାର୍ଯ୍ୟାଳୟଠାରେ ଅଗଷ୍ଟ କ୍ରାନ୍ତି ଦିବସ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାର ୫ ଜଣ ପରିବେଶ କର୍ମୀଙ୍କୁ ପ୍ରକୃତି ବନ୍ଧୁ ଓ ୬ଟି ଅନୁଷ୍ଠାନକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ସମ୍ବଲପୁର ବନଖଣ୍ଡ ଅଧିକାରୀ ଏନ୍ ବିଶ୍ୱନାଥ ମାନପତ୍ର ସହ ପ୍ରକୃତି ବନ୍ଧୁଙ୍କୁ ୧୦ ହଜାର ଓ ପ୍ରକୃତି ମିତ୍ରଙ୍କୁ ୨୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ଜିଲା ଏନ୍ଏସ୍ଏସ୍ ସଂଯୋଜକ ଡ. ବିଶ୍ୱମୋହନ ଜେନା, କଟରଚୁଆଁ କଲେଜର ଡ. ସୁବାସ ଚନ୍ଦ୍ର ନାୟକ, ଅଇଁଠାପାଲି ନିବାସୀ ମେଘୁ ମୁଣ୍ଡା, ରମ୍ଭେଲାର ପ୍ରଶାନ୍ତ କୁମାର ପଣ୍ଡା ଓ ରେଢ଼ାଖୋଲ ଗୋସୁଆଁର କଳ୍ପନା ପ୍ରଧାନଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଇଛି। ସେହିପରି ସମ୍ବଲପୁର ଲେଡିଲୁଇସ୍ ହାଇସ୍କୁଲ ପ୍ରଧାନଶିକ୍ଷକ ଉଜାଗର ପ୍ରଧାନ, ଖୁଣ୍ଟୁଚକୁଲି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁନନ୍ଦା ଚାନ୍ଦ, କନ୍ଧା ବିଦ୍ୟାଳୟ ସହକାରୀ ଶିକ୍ଷକ ପ୍ରଦୀପ କୁମାର ପଣ୍ଡା, ଭିଏସ୍ଏସ୍ ତେଲିଘନାର ସଭାପତି ଅମରେଶ ପ୍ରଧାନ ବନଖଣ୍ଡ ଅଧିକାରୀଙ୍କୁଠାରୁ ପ୍ରକୃତି ମିତ୍ର ପୁରସ୍କାର ଗ୍ରହଣ କରିଥିଲେ।

### ବୃଦ୍ଧାଶ୍ରମ ପରିଚାଳନା କମିଟି ବୈଠକ

ସମ୍ବଲପୁର,୧୦।୮(ବ୍ୟୁରୋ): ଦୟାମଣି ବୃଦ୍ଧାଶ୍ରମର ପରିଚାଳନା କମିଟି ବୈଠକ ମଙ୍ଗଳବାର ଦୁର୍ଗାପାଲି ନିକଟ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରମିଳା ବହିଦାର ଅଧ୍ୟକ୍ଷତା କରିଥିଲେ। ବୃଦ୍ଧାଶ୍ରମରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଟ୍ରଷ୍ଟରେ ଥିବା କେତେଜଣ ସଦସ୍ୟଙ୍କ ପରଲୋକ ହୋଇଯାଇଥିବାରୁ ତାଙ୍କ ସ୍ଥାନରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସାମିଲ କରାଯିବାକୁ ସ୍ଥିର ହୋଇଥିଲା। ବୃଦ୍ଧାଶ୍ରମର ଅନ୍ତେବାସୀ ତଥା ଆଖପାଖ ଗ୍ରାମବାସୀଙ୍କ ଲାଗି ଚିକିତ୍ସାଳୟ ଖୋଲିବାକୁ ରାଜ୍ୟ ସରକାରଙ୍କୁ ନିବେଦନ କରିବା ଲାଗି ପ୍ରସ୍ତାବ ପାରିତ ହୋଇଥିଲା। ଡା. ଜ୍ଞାନେନ୍ଦ୍ର ଦାଶ, ଡା. ଲକ୍ଷ୍ମୀନାରାୟଣ ରଥ, ଆଇନଜୀବୀ ଅଶୋକ କୁମାର ସେନାପତି, ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର, ବାବାଜୀ ପଟ୍ଟନାୟକ, କଲ୍ୟାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ପି ଅଫିସରେ ବିସ୍ଥାପିତଙ୍କ ଧାରଣା

ସମ୍ବଲପୁର,୧୦।୮(ବ୍ୟୁରୋ)

ସମ୍ବଲପୁର ସମଲେଇ ଯୋଜନାର ସର୍ଭେ କାର୍ଯ୍ୟ ଚାଲିଥିବା ସମୟରେ ମଙ୍ଗଳବାର ଘୁନଘୁଟି ପଡାରେ ପୁଣି ଉତ୍ତେଜନା ପ୍ରକାଶ ପାଇଥିଲା। ବିସ୍ଥାପିତ ପଡାବାସୀ ଏହାକୁ ବିରୋଧ କରି ଏସ୍‌ପି ଅଫିସ ଭିତରେ ଧାରଣା ଦେଇଥିବା ବେଳେ ସେପଟେ ସର୍ଭେ କାର୍ଯ୍ୟ ରାତି ପର୍ଯ୍ୟନ୍ତ କରାଯାଇ ଶେଷ କରାଯାଇଥିବା ଜଣାପଡିଛି।

ସୂଚନା କ୍ରମେ ମଙ୍ଗଳବାର ପ୍ରଶାସନ ଓ ପୋଲିସ ସର୍ଭେ କରିବା ପାଇଁ ଘୁନଘୁଟି ପଡା ଯାଇଥିବାବଳେ ଲୋକେ ବିରୋଧ କରିଥିଲେ। ଏହାକୁ ନେଇ ପୋଲିସ ୫ ଜଣ ଯୁବକଙ୍କୁ ଉଠାଇ ନେବାରୁ ପଡାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶତାଧିକ ମହିଳାପୁରୁଷ ପିଲାଛୁଆ ଧରି ଏସ୍‌ପି ଅଫିସରେ ଧସେଇ ପଶିଥିଲେ। ପରେ ସେମାନେ ସେଠାରେ ଧାରଣାରେ ବସିଥିଲେ। ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରାଯାଉ ବୋଲି ଦାବି କରିଥିଲେ। ଦୀର୍ଘବର୍ଷରୁ ସେମାନେ ରହିଆସୁଥିବାରୁ ଉଚିତ କ୍ଷତିପୂରଣ ଓ ଥଇଥାନ ବ୍ୟବସ୍ଥା ନ କରି ସର୍ଭେ କରାଯାଉଛି। ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ପାଳନ କରୁନାହିଁ ବୋଲି ହୋ ହଲ୍ଲା କରିଥିଲେ। ପ୍ରାୟ ୨୦ ମିନିଟ ପରେ ପୋଲିସ ଫୋର୍ସ ପହଞ୍ଚି ବିସ୍ଥାପିତଙ୍କୁ ଅଫିସ ଭିତରୁ ବାହାରକୁ ନେବାରେ ସଫଳ ହୋଇଥିଲେ। ହେଲେ ମୁଖ୍ୟ ଗେଟ୍ ସମ୍ମୁଖରେ ସେମାନେ ପୁଣି ଧାରଣାରେ ବସିଥିଲେ। ଅଟକ ଯୁବକଙ୍କୁ ଛାଡିବା ସହ ସର୍ଭେ ବନ୍ଦ କରିବାକୁ ଜିଦ୍ ଧରିବା ପରେ ଅପରାହ୍ଣ ୩ଟାରେ ୨ ଜଣ ଯୁବକଙ୍କୁ ପ୍ରଥମେ ପୋଲିସ ଛାଡି ଦେଇଥିଲା। ଅନ୍ୟ ୩ଜଣଙ୍କୁ ରାତି ପର୍ଯ୍ୟନ୍ତ ଅଟକ ରଖିଥିଲା। ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡିଦେଇଥିବା ଜଣାପଡିଛି। ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଥିଲେ, ସର୍ଭେ କାମକୁ ବିରୋଧ କରୁଥିବାରୁ ଯୁବକମାନଙ୍କୁ ଆଗୁଆ ଅଟକ ରଖାଯାଇଥିଲା। ପରେ ଛାଡିଦିଆଯିବ ବୋଲି ମଧ୍ୟ କୁହାଯାଇଥିଲା। ସଦର ତହସିଲଦାର ଲକ୍ଷ୍ମଣ ଅମାତ କହିଥିଲେ, ସର୍ଭେ କାମ ଚାଲିଛି। ବିଳମ୍ବିତ ରାତି ସୁଦ୍ଧା ଶେଷ ହୋଇଯିବ। ଅନ୍ୟପଟେ ଏସ୍‌ପି ଅଫିସରେ ଶତାଧିକ ମହିଳାପୁରୁଷ ଧସେଇ ପଶି ଧାରଣାରେ ବସିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ସୁରକ୍ଷା ବ୍ୟବସ୍ଥା ଓ ପୋଲିସ ଗୁଇନ୍ଦା ଫେଲ୍ ମାରିବାରୁ ଏଭଳି ଘଟଣା ଘଟିଥିବା ଆଲୋଚନା ହୋଉଛି। ସୂଚନାଯୋଗ୍ୟ ସମଲେଇ ମନ୍ଦିର ପାରିପାର୍ଶ୍ୱିକ ବିକାଶ ପାଇଁ ସମଲେଇ ଯୋଜନା କରାଯାଇଛି। ଏଥିଲାଗି ପ୍ରାୟ ୨୫୦ କୋଟି ଟଙ୍କା ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଘୁନଘୁଟିପଡାବାସୀ ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରିଆସୁଛନ୍ତି।



ଏସ୍‌ପି ଅଫିସରେ ଧାରଣା ଦେଇଛନ୍ତି ଘୁନଘୁଟିପଡାବାସୀ।

**ସମଲେଇ ଯୋଜନା ସର୍ଭେ ପ୍ରସଙ୍ଗ**
- ପୋଲିସ ଗୁଇନ୍ଦା ଫେଲ, ସୁରକ୍ଷା ଢିଲା
- ୫ ଜଣଙ୍କୁ ଉଠାଇନେଲା ପୋଲିସ

# ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ନାକଟିଦେଉଳ,୧୦।୮(ଡ଼ି.ଏନ.ଏ.)

ନାକଟିଦେଉଳ ଥାନା ବାଟଗାଁ ପଞ୍ଚାୟତର କୁଞ୍ଜାମୁରା ଶିବ ମନ୍ଦିର ନିକଟ ଟିଁକିରା ନଦୀଘାଟରେ ବୁଡ଼ି ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଟଗାଁ ଗ୍ରାମର ଝସକେତନ ଦେହୁରି (୩୦)। ସୂଚନା ଅନୁସାରେ ଝସକେତନ ପ୍ରାୟ ୧୦ଦିନ ହେବ ମନୋସ୍କାମନା ପୂରଣ ପାଇଁ କୁଞ୍ଜାମୁରା ଶିବ ମନ୍ଦିରରେ ଅଧିଆ ପଡ଼ିଥିଲେ। ପ୍ରତିଦିନ ପରି ମଙ୍ଗଳବାର ସକାଳେ ସେ ଗାଧୋଇବା ପାଇଁ ନିକଟସ୍ଥ ଟିଁକିରା ନଦୀକୁ ଯାଇଥିଲେ। ସେଠାରେ ଅସାବଧାନତା ବଶତଃ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଅନ୍ୟ ଏକ ଘାଟରେ ଗାଧୋଉଥିବା ଜଣେ ଯୁବତୀ ଏହା ଦେଖି ପାଟି କରିବାରୁ ଆଖପାଖ ଲୋକ ପହଞ୍ଚି ନାକଟିଦେଉଳ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ମୃତ ଦେହକୁ ନଦୀରୁ ଉଦ୍ଧାର କରିଥିଲେ। ନାକଟିଦେଉଳ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢାଖୋଲ ପଠାଇଥିବା ଥାନା ଅଧିକାରୀ ବିଧୁଭୂଷଣ ମିଶ୍ର କହିଛନ୍ତି। ଏ ନେଇ କେସ୍ ନଂ୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଦଳିତଙ୍କ ଉପରେ ଅତ୍ୟାଚାର ପ୍ରତିବାଦରେ ସ୍ମାରକପତ୍ର



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମକର୍ତ୍ତା ବିକ୍ଷୋଭ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୧୦।୮

ରାଜ୍ୟରେ ଅନୁସୂଚିତ ଜାତିର ଲୋକଙ୍କ ଉପରେ ବିଜେଡି ନେତା ଓ କର୍ମୀମାନେ ଅତ୍ୟାଚାର ଚଳାଇଛନ୍ତି। ଏହାର ପ୍ରତିବାଦରେ ଝାରସୁଗୁଡା ଜିଲା ଭାଜପା ତରଫରୁ ମଙ୍ଗଳବାର ଏସ୍‌ସି ଜିଲା ସଭାପତି ନିଳାମ୍ବର ଡନସେନାଙ୍କ ଅଧ୍ୟକ୍ଷତାରେ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଦଳୀୟ ନେତୃବୃନ୍ଦ ବିକ୍ଷୋଭ ପ୍ରଦର୍ଶନ କରି ବିଜେଡି ସରକାରଙ୍କ ଉପରେ ବର୍ଷିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏଥିରେ ଦର୍ଶାଯାଇଛି କେନ୍ଦ୍ରାପଡା ଜିଲାର ଆଳି ନିର୍ବାଚନମଣ୍ଡଳୀ ଓ ଜଗସିଂହପୁର ଜିଲାର ନାଉଗାଁ ଅଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତିକୁ ବିରୋଧ କଲାପରେ ସେଠାରେ ବିଜେଡି ନେତା ଓ କର୍ମୀମାନେ ବିରୋଧକାରୀଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ସେ ପୋଲିସ୍‌ରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ରାଜ୍ୟରେ ଅନୁସୂଚିତ ଜାତିର ଲୋକ ସୁରକ୍ଷିତ ନୁହନ୍ତି। ଆଗାମୀ ଦିନରେ ସରକାର ପଦକ୍ଷେପ ଗ୍ରହଣ ନ କଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏହି କାର୍ଯ୍ୟକ୍ରମରେ ଭାଜପାର ପୂର୍ବତନ ବିଧାୟିକା ରାଧାରାଣି ପଣ୍ଡା, ଦୀନେଶ ଜୈନ, ଦୀନେଶ ଉପାଧ୍ୟାୟ, ମହେଶ୍ୱର ନାୟକ, ମମତା ଦୀପ୍, ମହମ୍ମଦ ଖୁର୍ସିଦ୍ ଆଲମ୍ ଖାନ୍, ରାଜେଶ ଦାସ, ବିକାଶ ଗୁରୁଙ୍ଗ, ଉମେଶ ଗୁପ୍ତା ପ୍ରମୁଖ ଉପସ୍ଥିତଥିଲେ।

# ଗିରଫ ଦାବିରେ ଏସ୍‌ପିଙ୍କୁ ଭେଟିଲା ବିଏସ୍‌ପି

ସମ୍ବଲପୁର,୧୦।୮(ବ୍ୟୁରୋ)

ସମ୍ବଲପୁର ସହରର ଜଣେ ଅଣଓଡିଆ ବ୍ୟକ୍ତି ଦଳିତ ବିରୋଧୀ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ମଙ୍ଗଳବାର ବହୁଜନ ସମାଜପାର୍ଟି ସମ୍ବଲପୁର ଶାଖା ପକ୍ଷରୁ ଏସ୍‌ପିଙ୍କୁ ଭେଟି ତାଙ୍କ ଗିରଫ ଦାବି କରାଯାଇଛି। ସେମାନେ ଅଭିଯୋଗ କରିଛନ୍ତି, ଦଳିତ ଶ୍ରେଣୀଙ୍କ ସୁରକ୍ଷା ପାଇଁ କଡା ନିୟମ କରାଯାଇଛି। ହେଲେ ଜିଲାରେ ଦଳିତଙ୍କୁ ନେଇ କଟୁ ମନ୍ତବ୍ୟ ଦେବା ସହ ଜାତିଆଣ ଆକ୍ଷେପ କରାଯାଉଛି। ଏଥିରେ ସାମ୍ପ୍ରଦାୟିକ ବିଦେଦ ସୃଷ୍ଟି ହେଉଛି। କିଛିଦିନ ତଳେ ଘୁନଘୁଟିପଡାବାସୀଙ୍କ ବିରୋଧରେ ଜାତିଆଣ ଆକ୍ଷେପ ସହ ଗୋ ମାଂସ ଖାଉଥିବା ନେଇ ମନ୍ତବ୍ୟ ଦିଆଯାଇଥିଲା। ସାମାଜିକ ଗଣମାଧ୍ୟମରେ ଏହି ବିବୃତି ଘୂରି ବୁଲୁଥିଲା। ଏ ନେଇ ପଡାବାସୀ କ୍ଷେତରାଜପୁର ଥାନାରେ ଏତଲା ଦେଇଛନ୍ତି। ହେଲେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଆଇନଜୀବୀ ତଥା ଜିଲା ସଭାପତି ନାରାୟଣ ସୁନା ୨, ଅନୀଳ ସୁନା, ରାଜା ଶର୍ମା, ନବୀନ ନାଏକ, ସୁଶାନ୍ତ ବୁଢା, ଲାଲା ସୁନା, ବିକ୍ରମ ସୁନା, ଟିକୁ ସୁନା ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ପି ଅଫିସ ସମ୍ମୁଖରେ ବିଏସ୍‌ପି କର୍ମକର୍ତ୍ତା।

**ଅଣଓଡିଆଙ୍କ ଦଳିତ ବିରୋଧୀ ମନ୍ତବ୍ୟ ପ୍ରସଙ୍ଗ**

# ଭୀମଭୋଇ ମଣ୍ଡପରେ ବିଶ୍ୱ ଆଦିବାସୀ ଦିବସ

ସମ୍ବଲପୁର,୧୦।୮(ବ୍ୟୁରୋ)

ନିଖିଳ ଓଡ଼ିଶା ଆଦିବାସୀ ସାଂସ୍କୃତିକ ସଂସଦ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ବୁଢ଼ାରଜା ଭୀମଭୋଇ ମଣ୍ଡପଠାରେ ପାଳିତ ହୋଇଯାଇଛି। ସଭାପତି ଶୋଭାରାମ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବୁଦ୍ଧଦେବ ବୁଦୁଲା, ଅଶୋକ କୁମାର ପିଙ୍ଗ, କୈଳାଶ ଚନ୍ଦ୍ର ଡୁଡୁଙ୍ଗ, ଅର୍ଜୁନ କିଶାନ ଯୋଗଦେଇ ଆଦିବାସୀଙ୍କ ଜୀବନ ଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ। ବିଶ୍ୱ ଆଦିବାସୀ ଦିବସକୁ ଦୃଷ୍ଟିରେ ରଖି ରାଜ୍ୟ ଓ କେନ୍ଦ୍ର ସରକାର ଛୁଟି ଘୋଷଣା କରିବାକୁ ସଭ୍ୟମାନେ ମତପ୍ରକାଶ କରିଥିଲେ। ପରବର୍ତ୍ତି ସମୟରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ଧ୍ରୁବଚରଣ ବାଗ, ପରମେଶ୍ୱର ମିର୍ଦ୍ଧା, ପ୍ରଭାକର କିଶାନ, ଦୁର୍ଯ୍ୟରାମ କିଶାନ, ନରେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ଚନ୍ଦ୍ରମଣୀ ମିର୍ଦ୍ଧା ଧନ୍ୟବାଦ ଦେଇଥିଲେ।

# କଟକଣା କୋହଳ ନେଇ ଟେଣ୍ଟ, ସାଉଣ୍ଡ ମାଲିକ ପ୍ରଶାସନର ଦ୍ୱାରସ୍ଥ

ସମ୍ବଲପୁର,୧୦।୮(ବ୍ୟୁରୋ)

କଟକଣା କୋହଳ ନେଇ ସମ୍ବଲପୁର ଜିଲା ଟେଣ୍ଟ, ଲାଇଟ୍, ସାଉଣ୍ଡ ମିଳିତ ସଂଘ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛି। ସଂଘ କର୍ମକର୍ତ୍ତା ଦର୍ଶାଇଛନ୍ତି, ସାମାଜିକ ଓ ମାଙ୍ଗଳିକ କାର୍ଯ୍ୟରେ ସର୍ବାଧିକ ୨୫ଜଣ ଉପସ୍ଥିତ ରହିପାରିବେ ବୋଲି କଟକଣା କରାଯାଇଛି। ଏଥିଯୋଗୁ ଟେଣ୍ଟ, ସାଉଣ୍ଡ ଆଦି ଆବଶ୍ୟକ ପଡୁ ନାହିଁ। ଲୋକମାନେ ଚାହିଁଲେ ମଧ୍ୟ କଟକଣା ଯୋଗୁ କରିପାରୁ ନାହାନ୍ତି। ତେଣୁ ଅତି କମରେ ୩ଶହ ବ୍ୟକ୍ତିଙ୍କୁ ଅନୁମତି ଦିଆଯାଉ। ଫଳରେ ଜୀବିକା ହରାଇଥିବା ପରିବାରକୁ ରୋଜଗାର ମିଳିପାରିବ। କୋଭିଡ୍ କଟକଣା ପାଳନ କରି କାମ କରାଯିବ। ରାଜ୍ୟରେ ପ୍ରାୟ ୧୨ ଲକ୍ଷ ପରିବାର ପ୍ରଭାବିତ ହୋଇଥିବା ବେଳେ ଜିଲାରେ ୨୫ ହଜାରରୁ ଊର୍ଦ୍ଧ୍ୱ ପରିବାର ପ୍ରଭାବିତ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଆଶିଷ ମିଶ୍ର, ଦିଲୀପ କୁମାର ସାହୁ, ମଣ୍ଟୁ ପାଣିଗ୍ରାହୀ, ଚନ୍ଦନ ପାଣ୍ଡେ, ଆନନ୍ଦ କୁମାର ମିଶ୍ର, ନିଳାଞ୍ଚଳ ପଣ୍ଡା, ଆକାଶ ଦାଶ, ରବିନାରାୟଣ ନାୟକ, ଲମ୍ବୋଦର ପରିଡା, ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କ ଅଫିସରେ ଟେଣ୍ଟ, ସାଉଣ୍ଡ ମାଲିକ ସଂଘ କର୍ମକର୍ତ୍ତା।

# ଜାତୀୟ କୃମି ନାଶକ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ସମ୍ବଲପୁର,୧୦।୮ (ବ୍ୟୁରୋ)

ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମ ମଙ୍ଗଳବାର ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶୁଭାରମ୍ଭ ହୋଇଛି। ଅଇଁଠାପାଲି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବ୍ରଜେନ୍ଦ୍ର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶରୀର ମଧ୍ୟରେ କୃମିର ଉପସ୍ଥିତି ବିଷୟରେ ବୁଝାଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଉଦିତ ଚନ୍ଦ୍ର ପାଢୀଯୋଶୀ ମୁଖ୍ୟବକ୍ତା ଓ ଗୁରୁଦତ୍ତ ପୁରୋହିତ କୃମି ନାଶକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଯଶୋବନ୍ତ ସାହୁ, ହରିନାରାୟଣ ପଣ୍ଡା ପ୍ରଚାର ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗର ଦୀପକ ସ୍ୱାଇଁ, ଧର୍ମରାଜ ସିଂଦେଓ, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ, ପ୍ରଦୀପ କୁମାର ସାହୁ, ଭୋଳାନାଥ ବିଶୋଇ ପ୍ରମୁଖ ସହଯୋଗ କରିଥିଲେ। ଚଳିତ ମାସ ୨୩ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ। ଆଶାକର୍ମୀ, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତଙ୍କୁ ବଟିକା ପ୍ରଦାନ କରିବାକୁ ଉତ୍ସବରେ ସୂଚୀତ କରାଯାଇଛି।

# ଦୋକାନରେ ଚଢାଉ, ଜରିମାନା ଆଦାୟ

ରେଢାଖୋଲ,୧୦।୮(ଡି.ଏନ.ଏ.)

ରେଢାଖୋଲ ସହରରେ କେତେକ ଜଳଖିଆ ଦୋକାନରେ ଅପମିଶ୍ରିତ ଖାଦ୍ୟ ଓ ପାନ ଦୋକାନରେ ବେଆଇନ ଗୁଟ୍‌ଖା ବିକ୍ରି ହେଉଥିବା ଅଭିଯୋଗ ରହିଥିଲା। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଖାଦ୍ୟ ସୁରକ୍ଷା, ଜାତୀୟ ଟବାକୋ କଣ୍ଟ୍ରୋଲ, ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ ମିଳିତ ଚଢାଉ ହୋଇଥିଲା। ସହରର ୩୨ଟି ପାନ ଦୋକାନରେ ଚଢାଉ କରାଯାଇ ମୋଟ ୫୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ୮ଟି ଜଳଖିଆ ଦୋକାନରେ ଚଢାଉ କରାଯାଇ ୪୩୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ସମ୍ବଲପୁର ଜିଲା ଜାତୀୟ ଟବାକୋ ନିୟନ୍ତ୍ରଣ ଅଧିକାରୀ ସ୍ୱାଗତିକା ବେହେରା ସୂଚନା ଦେଇଛନ୍ତି। ଏଥି ସହିତ ପ୍ରାୟ ୧୮ କେଜି ଅପମିଶ୍ରିତ ଖାଦ୍ୟ ନଷ୍ଟ କରାଯାଇଛି। ସମ୍ବଲପୁର ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତାପରୁଦ୍ର ମଣ୍ଡଳ, ଅଞ୍ଜୁ ଏକ୍କା, ଅବକାରୀ ଅଧିକାରୀ ପବିତ୍ର ମୋହନ ମାଝି ପ୍ରମୁଖ ଚଢାଉରେ ସାମିଲ ଥିଲେ। ରେଢାଖୋଲ ପୋଲିସ ପକ୍ଷରୁ ସହଯୋଗ କରାଯାଇଥିଲା।



ସହରର ଏକ ଦୋକାନରେ ମିଳିତ ଟିମ୍ ଚଢାଉ କରୁଛି।

# ଏମ୍‌ସିଏଲ୍ ବିସ୍ଥାପିତଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

**୧୭ରେ ରାଜସ୍ୱ ମନ୍ତ୍ରୀଙ୍କ ସହିତ ଆଲୋଚନା**

ଝାରସୁଗୁଡ଼ା ଅଫିସ,୧୦।୮

୯ଦଫା ଦାବିନେଇ ଏମ୍‌ସିଏଲ୍ ବିସ୍ଥାପିତ ଦର୍ଲିପାଲି ଗ୍ରାମବାସୀ ଗତ ଜୁନ୍ ୨୮ତାରିଖରୁ ଏମ୍‌ସିଏଲ୍ ଲଖନପୁର ସିଜିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ଇତିମଧ୍ୟରେ ସେମାନଙ୍କ ଦାବିକୁ ନେଇ ଜିଲାପାଳଙ୍କ ସହିତ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଜିଲାପାଳ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ସରକାରଙ୍କ ନିଷ୍ପତ୍ତିକୁ ଏମ୍‌ସିଏଲ୍ ଓ ଆନ୍ଦୋଳନକାରୀ ଗ୍ରାମବାସୀ ଗ୍ରହଣ କରିବେ ବୋଲି କହିଥିଲେ। ଏଭଳି ସ୍ଥିତିରେ ବିଧାୟକ କିଶୋର ମହାନ୍ତି ମଙ୍ଗଳବାର ଧାରଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୧୭ତାରିଖରେ ରାଜସ୍ୱ ମନ୍ତ୍ରୀଙ୍କ ସହିତ ଦାବି ସମ୍ପର୍କରେ ଆଲୋଚନା କରାଯିବ ବୋଲି କହିଥିଲେ। ପରେ ଆନ୍ଦୋଳନ ପ୍ରତ୍ୟାହାର ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ଏହି ଆଲୋଚନାରେ ବିଧାୟକ କିଶୋର ମହାନ୍ତି, ବିରଞ୍ଚି ସାହୁ, ଗୋପୀନାଥ ମାଝି, ସରୋଜ ଛଞ୍ଚାଣ, ଗୋବିନ୍ଦ କରାଳୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ କିଶୋର ମହାନ୍ତି ଫଳରସ ପିଆଇ ଗ୍ରାମବାସୀଙ୍କୁ ଅନଶନରୁ ଉଠାଉଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୧ ଅଗଷ୍ଟ, ୨୦୨୧

## ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କିତ ତାଲିମ

ଲାଞ୍ଜିଗଡ଼,(ଡି.ଏନ.ଏ.): କଳାହାଣ୍ଡି ଜିଲାର ସ୍ୱେଚ୍ଛାସେବୀ ସଙ୍ଗଠନ ଦାପ୍ତା ପକ୍ଷରୁ ଲାଞ୍ଜିଗଡ଼ ବ୍ଲକ୍ ଲାଞ୍ଜିଗଡ଼ରୋଡ଼ ସେକ୍ଟର ଅଞ୍ଚଳ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କିତ ତାଲିମ୍ ପ୍ରଦାନ କରାଯାଇଛି। ସଂସ୍ଥା ମୁଖ୍ୟ ରାଜକିଶୋର ଶର୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ତାଲିମ୍‌ରେ ଲାଞ୍ଜିଗଡ଼ ସିଡିପିଓ ମୀନା କୁମାରୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀମାନଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇଥିଲା। ଏଥିରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ସହାୟିକାମାନେ ମଧ୍ୟ ଯୋଗଦେଇଥିଲେ।



# ଦଣ୍ଡପାଟ ଅଞ୍ଚଳ ପାଇଁ ବରଦାନ



ଚାଷୀମାନେ ବିଲରେ ଧାନ ରୋଉଛନ୍ତି।

ବେହେରା,୧୦।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲାର ଦଣ୍ଡପାଟ ଅଞ୍ଚଳ ଦୀର୍ଘ ବର୍ଷରୁ କେନାଲ ପାଣି ସଂଯୋଗରୁ ବଞ୍ଚିତ ଥିଲା। କେବଳ ବର୍ଷାପାଣିରେ ହଜାର ହଜାର ହେକ୍ଟର ଜମି ଚାଷ ହେଉଥିଲା। ବର୍ଷାଭାବ ଯୋଗୁ ଗଜା ମରୁଡ଼ି ଭଳି ସମସ୍ୟାର ସମ୍ମୁଖୀନ ହୋଇ ଚାଷୀ ହତାଶ ହୋଇ ପଡୁଥିଲେ।

### ଇନ୍ଦ୍ରାବତୀ ମେଗା ଜଳସେଚନ ପ୍ରକଳ୍ପ

- ଇନ୍ଦ୍ରାବତୀରୁ ପାଣି ପାଇ ଚାଷୀ ଉପକୃତ

ଚଳିତବର୍ଷ ଇନ୍ଦ୍ରାବତୀରୁ ମେଗାଲିଫ୍ଟ ଦ୍ୱାରା ଚାଷ ଜମିକୁ ଭରପୁର ପାଣି ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗତ ଜାନୁୟାରୀ ୧୪ରେ ଲୋକାର୍ପିତ ହୋଇଥିବା ଇନ୍ଦ୍ରାବତୀ ମେଗା ଜଳସେଚନ ପ୍ରକଳ୍ପ ଦ୍ରୁତ ଓ ସୂଚାରୁ ଭାବେ କାର୍ଯ୍ୟକାରୀ ହୋଇଛି। ଠିକ ସମୟରେ ଜଳ ଯୋଗାଣ ହୋଇଥିବାରୁ ଏଥର ବର୍ଷା ଅଭାବରେ ମଧ୍ୟ ଏଠାକାର ଚାଷୀ ଧାନ ରୋଇବାରେ ସକ୍ଷମ ହୋଇଛନ୍ତି। ଚାଷ କାର୍ଯ୍ୟ ପାଇଁ ଉଚିତ ସମୟରେ କାଳିଆ ଯୋଜନା ଆର୍ଥିକ ସହାୟତା ମଧ୍ୟ ପାଇ ପାରିଛନ୍ତି। ଏଣୁ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକତା ସହ ଧନ୍ୟବାଦ ଜଣାଇଛନ୍ତି। ଦୀର୍ଘ କୋଡିଏ ବର୍ଷ ହେବ ଏ ଅଞ୍ଚଳକୁ କେନାଲ ସଂଯୋଗୀକରଣ ଅଟକି ରହିଥିବା ବେଳେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓଙ୍କ ଚେଷ୍ଟାରେ କାର୍ଯ୍ୟ ପୂର୍ଣ୍ଣ ହୋଇ ପାରିଥିବା ଯୋଗୁ ଚାଷୀମାନେ ସିଂଦେଓଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

### ସେମାନେ ଯାହା କୁହନ୍ତି.....



"ଉଚିତ ସମୟରେ କାଳିଆ ସହାୟତା ସାଙ୍ଗକୁ ଜମିରେ ଭରପୁର ପାଣି, ଚାଷୀଙ୍କ ମୁହଁରେ ହସ ସୃଷ୍ଟି କରିଛି।
**ବଳରାମ ପୂଝାରୀ, ଚେୟାରମ୍ୟାନ, ଧର୍ମଗଡ ବ୍ଲକ**



"ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇଛି। ଇନ୍ଦ୍ରାବତୀ ମେଗା ଜଳସେଚନ ଯୋଜନା ଦଣ୍ଡପାଟ ଅଞ୍ଚଳ ପାଇଁ ବରଦାନ ପାଲଟିଛି।
**ପ୍ରଶାନ୍ତ ତିୱାରୀ, ଚାଷିନେତା, ଦଣ୍ଡପାଟ**



"ଦୀର୍ଘବର୍ଷର ପ୍ରତିକ୍ଷା ଅନ୍ତ ହୋଇଛି। ଏହା ଆଗାମୀ ଦିନରେ ମଧ୍ୟ ସୁଚାରୁ ରୂପେ ପରିଚାଳିତ ହେଲେ ଏ ଅଞ୍ଚଳର ଚାଷୀ ଉପକୃତ ହେବେ।
**ସୁଶାନ୍ତ ପଟ୍ଟନାୟକ, ସରପଞ୍ଚ, ତେଣ୍ଡାପାଲୀ ପଞ୍ଚାୟତ**

"ଚାଷ ଓ ଚାଷୀମାନଙ୍କୁ ଗୁରୁତ୍ୱ ଦେଇ ଅଣ ଜଳସେଚିତ ଦଣ୍ଡପାଟ ଅଞ୍ଚଳରେ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜମିକୁ ଜଳସେଚନ କରିଥିବାରୁ ମୁଖ୍ୟମନ୍ତ୍ରୀ ଓ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ଆନ୍ତରିକତା କୃତଜ୍ଞତା।
**ଭବେଶ ଗଇନ୍ତା, ଯୁବ ଚାଷୀ, ଦଣ୍ଡପାଟ**



ବର୍ଷା ଅଭାବରେ ମଧ୍ୟ ତଳିରୁଆ ହେବା, ଆମକୁ ସ୍ୱପ୍ନ ଭଳି ଲାଗୁଛି।



"ଆମର ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ପୂରଣ କରିଥିବାରୁ ହୃଦୟରୁ ଧନ୍ୟବାଦ।
**ସତ୍ୟାନନ୍ଦ କାଣ୍ଡ, ଚାଷୀ, ବେହେରା**

## ପ୍ୟାକ୍ସ ସହକାରୀ ସମ୍ପାଦକ ଗିରଫ

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

ବରଗଡ଼ ଅଫିସ୍,୧୦।୮



ଘନଶ୍ୟାମ ସାହୁ, ଗିରଫ ସହକାରୀ ପ୍ୟାକ୍ସ ସମ୍ପାଦକ।

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଗାଇସିଲେଟ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ର ସହକାରୀ ସମ୍ପାଦକ ଘନଶ୍ୟାମ ସାହୁଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଛି। ମଙ୍ଗଳବାର ତାଙ୍କୁ ସମ୍ବଲପୁର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି ବୋଲି ବରଗଡ଼ ଭିଜିଲାନ୍ସ ଡିଏସ୍‌ପି ଦାଶରଥି ସେଠୀ ସୂଚନା ଦେଇଛନ୍ତି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ସମ୍ବଲପୁର ଡିଭିଜନର ୨ଟି ଟିମ୍ ସୋମବାର ଏକକାଳୀନ ସାହୁଙ୍କ ଗାଇସିଲେଟ ବ୍ଲକ କଲଙ୍ଗାପାଲି ସ୍ଥିତ ବାସଭବନ ଏବଂ ପ୍ୟାକ୍ସ କାର୍ଯ୍ୟାଳୟ ଚ୍ୟାମ୍ବରରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପ୍ୟାକ୍ସ ସହକାରୀ ସମ୍ପାଦକ ସାହୁଙ୍କ ସମୁଦାୟ ୧କୋଟି ୭ଲକ୍ଷ ୩୯ହଜାର ୨୨୫ଟଙ୍କାର ସମ୍ପତ୍ତି ଠାବ ହୋଇଥିଲା ।

## ସଂକ୍ଷେପରେ

### ରାସ୍ତା କାମରେ ଅନିୟମିତତା ଅଭିଯୋଗ

ପଲମ,୧୦।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ରାସ୍ତାମାଲ ଗ୍ରାମରେ ୨୦୨୧ରେ ଭବାନୀପାଟଣା ଆଦିବାସୀ ଉନ୍ନୟନ ସଂସ୍ଥା ଜରିଆରେ ବିଜୁ କେବିକେ ଯୋଜନାରେ ୮ ଲକ୍ଷ ଟଙ୍କାର ସିସି ରୋଡ କାର୍ଯ୍ୟ ହୋଇଛି। କିନ୍ତୁ ଉକ୍ତ ରାସ୍ତା କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ପଲମ ଏନଏଚଠାରୁ ରାସ୍ତାମାଲ ପର୍ଯ୍ୟନ୍ତ ସିମେଣ୍ଟ ରାସ୍ତା ପାଇଁ ୪ ଲକ୍ଷ ଟଙ୍କା ଓ ରାସ୍ତାମାଲଠାରୁ ଡୁଙ୍ଗୁରିପଡା ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା କିଛି ପରିମାଣ କରାଯାଇଥିବା ଅଭିଯୋଗ ଆସିଛି। ଏନଏଚଠାରୁ ପ୍ରାୟ ୬୦ ଫୁଟ ଓ ଡଙ୍ଗୁରିପଡା ସ୍କୁଲଠାରୁ ପ୍ରାୟ ୫୦ ଫୁଟ ରାସ୍ତା କଂକ୍ରିଟ କାର୍ଯ୍ୟ ହୋଇ ନାହିଁ। ଫଳରେ ବର୍ଷାଦିନେ ଯାତାୟାତରେ ସାଧାରଣ ଲୋକଙ୍କ ବିଶେଷ ଅସୁବିଧା ହେଉଛି। ହୋଇଥିବା କଂକ୍ରିଟ ରାସ୍ତାର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି। ଏହାର ଉଚିତ ତଦନ୍ତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

### ଯୁବ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ

ନୂଆପଡ଼ା ଅଫିସ,୯୧୦।୮: ନୂଆପଡା ଜିଲା ଯୁବ କଂଗ୍ରେସ ଉପସଭାପତି ପାଶା ମହାନନ୍ଦଙ୍କ ନେତୃତ୍ୱରେ କୋମନା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାରତୀୟ ଯୁବ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲା ଯୁବ କଂଗ୍ରେସ ଦ୍ୱାରା ଚନ୍ଦ୍ରଭାନୁ ହାତି, ଗୋଲକ ରଞ୍ଜନ ହଂସ, ଧ୍ରୁବ ଚରଣ ଛତ୍ରିଆ, ତୁଳସୀ ଛତ୍ରିଆ, ଅଜୟ କୁମାର ମାଝି ପ୍ରମୁଖଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଯୁବ କଂଗ୍ରେସ ସମ୍ପାଦକ ଜୟଦେବ ମାଝି, ଜିଲା ସମ୍ପାଦକ ଭୀମ ଯାଦବ, କୈଳାଶ ଚନ୍ଦ୍ର ବାଗ, ନରେନ୍ଦ୍ର ନାଗ, ପ୍ରେମ ତାଣ୍ଡି, ରାମଲାଲ ଦୁରିଆ, ବିହାରୀ ବାଗ, ରିକେଶ ବାଗ ପ୍ରମୁଖ ଯୁବ କାର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଲାକ୍ଷ୍ମୀପୁର ପ୍ରାଥମିକ ସ୍କୁଲରେ ଚାରା ରୋପଣ କାର୍ଯ୍ୟକ୍ରମ

ଖଡିଆଲ,୧୦।୮(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଲ ବ୍ଲକ ଲାକ୍ଷ୍ମୀପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଡିଆଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ସାହୁ, ସମ୍ମାନିତ ଅତିଥି ଭାବେ ଖଡିଆଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦ୍ୱୟ ପ୍ରମୋଦ କୁମାର ପତି ଓ ବୋଲଧର ନାଗ, ସିଆରସିସି ପ୍ରକାଶ କୁମାର ଠାକୁର, ପରିଚାଳନା କମିଟି ସଭାପତି ପରମେଶ୍ୱର ବାରିକ ଯୋଗଦାନ କରି ବିଭିନ୍ନ ପ୍ରକାର ନଡିଆ, ଲେମ୍ବୁ, ଆମ୍ବ, ପିଜୁଳି, ପଣସ, ସଜନା ପ୍ରଭୃତି ୨୦ଟି ଚାରା ଲଗାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ନମିତା ସେନାପତି, ସହ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଚଲାନ ଚାରା ରୋପଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାଚିକା ରକ୍ମଣୀ ଦଣ୍ଡସେନା, ସ୍ୱେଚ୍ଛାସେବୀ ଭଞ୍ଜ ଘିଭେଲା, କ୍ଷୀରସାଗର ଘିଭେଲା ସହଯୋଗ କରିଥିଲେ।

### ଏକ୍ସ କ୍ୟାଡର ଶିକ୍ଷକଙ୍କ ବୈଠକ, ନୂତନ କର୍ମକର୍ତ୍ତା ଚୟନ

ଲାଞ୍ଜିଗଡ଼,୧୦।୮ (ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ବ୍ଲକ ଏକ୍ସ କ୍ୟାଡର ଶିକ୍ଷକ ସଂଘ ବୈଠକ ଅନୁଷ୍ଠିତ ହୋଇଛି। ପୂର୍ବତନ ସଂଘ ସଭାପତି ସରୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବ୍ଲକ ଏକ୍ସ କ୍ୟାଡର ଶିକ୍ଷକଙ୍କୁ ନେଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ପୂର୍ବତନ ସଭାପତି ସରୋଜ ସାହୁଙ୍କୁ ଏବଂ ସମ୍ପାଦକ ରଘୁମଣି ବେହେରାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ସହିତ ନୂତନ ସଭାପତି ଏବଂ ସମ୍ପାଦକ ଚୟନ କରାଯାଇଥିଲା। ନୂତନ ସଭାପତି ଭାବେ ଦିଲୀପ କୁମାର ପରିଛା, ଉପ ସଭାପତି ଥବିର ଦୋରା, ସମ୍ପାଦକ ଦାମୋଦର ସା, ସହ ସମ୍ପାଦକ ଦିଲୀପ କୁମାର ମହାରଣା, କୋଷଦକ୍ଷ ରଞ୍ଜିତ କୁମାର ରାୟ, ସହ କୋଷଦକ୍ଷ ତପନ କୁମାର ସାମଲଙ୍କୁ ଚୟନ କରାଯାଇଥିଲା। ସେହିଭଳି ଉପଦେଷ୍ଟା ମଣ୍ଡଳୀରେ ପ୍ରବୀଣ କୁମାର ରାଉତ, ଦନାର୍ଦ୍ଧନ ମିଶ୍ର, ହିମାଂଶୁ ଶେଖର ମେହେର, ଗୌତମ ଦଣ୍ଡସେନା, ସରୋଜ ସାହୁ, ଲୋକନାଥ ହରିଜନ, ହେମ ସାଗର ପ୍ରଧାନୀ, ମନୋଜ କୁମାର ମହାଖୁଡ଼ଙ୍କୁ ଚୟନ କରାଯାଇଛି। ବ୍ଲକର ବହୁ ସଂଖ୍ୟକ ଏକ୍ସ କ୍ୟାଡର ଶିକ୍ଷକ ଉପସ୍ଥିତ ଥିଲେ। ପ୍ରବିଣ ରାଉତ ପରିଚାଳନା କରିଥିବା ବେଳେ ନୂତନ ସଭାପତି ପରିଛା ଧନ୍ୟବାଦ ଅର୍ପଣ କରିଥିଲେ।

## ବରଗଡ଼ରେ ୯.୫୫କୋଟିର ଇନ୍‌ଡ଼ୋର ଷ୍ଟାଡ଼ିୟମ

ବରଗଡ଼ ଅଫିସ୍,୧୦।୮



ଖବରଦାତା ସମ୍ମିଳନୀରେ ବରଗଡ଼ ବିଧାୟକ ଓ ଅନ୍ୟମାନେ।

ବରଗଡ଼ ସହରରେ ୯କୋଟି ୫୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଇନ୍‌ଡୋର ଷ୍ଟାଡ଼ିୟମ ନିର୍ମାଣ ହେବ। ରାଜ୍ୟ କ୍ୟାବିନେଟ ଏହାକୁ ମଞ୍ଜୁରୀ ଦେଇଛି ବୋଲି ସୋମବାର ସନ୍ଧ୍ୟାରେ ବରଗଡ଼ ଅଗ୍ରଗାମୀ ଯୁବକ ସଂଘରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ବରଗଡ଼ ସହରରେ କ୍ରୀଡ଼ାର ଭିତ୍ତିଭୂମି ସ୍ଥାନୀୟ କ୍ରୀଡ଼ାପ୍ରେମୀ ତଥା ଖେଳାଳିଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଯୋଗାଇବ ବୋଲି ଆଚାର୍ଯ୍ୟ କହିଥିଲେ। ସେହିପରି ଅଲିମ୍ପିକ୍ସରେ ଉଭୟ ମହିଳା, ପୁରୁଷ ଭାରତୀୟ ହକି ଦଳକୁ ଓଡ଼ିଶା ସରକାର ସମର୍ଥନ ଜଣାଇଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଜିଲା କ୍ରୀଡ଼ା ସଂସଦର ପୂର୍ବତନ ସମ୍ପାଦକ ତଥା ଏପିକଲର ଚେୟାରମ୍ୟାନ ପ୍ରଭାତ ଆଦିତ୍ୟ ମିଶ୍ର ଇନ୍‌ଡ଼ୋର ଷ୍ଟାଡ଼ିୟମ କ୍ରୀଡ଼ା କ୍ଷେତ୍ରରେ ଜିଲାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହିତ କ୍ରୀଡ଼ା ପ୍ରତିଭାଙ୍କ ପାଇଁ ନୂଆ ଆଶା, ଉଦ୍ଦୀପନା ସୃଷ୍ଟି କରିଛି ବୋଲି କହିଥିଲେ । କ୍ରୀଡ଼ା ସମ୍ପାଦକ କିଶୋର ମିଶ୍ର ଖୁବଶୀଘ୍ର ଏହି ଷ୍ଟାଡ଼ିୟମ ନିର୍ମାଣ ପାଇଁ ଜମି ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ । ଖବରଦାତା ସମ୍ମିଳନୀରେ ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଜିଲା କ୍ରୀଡ଼ା ସଂସଦ କ୍ରୀଡ଼ା ସମ୍ପାଦକ ହରଦୀପ ସିଂ, ଇନ୍‌ଡ଼ୋର ଗେମ୍ସ ସମ୍ପାଦକ ରବି ପଣ୍ଡା, ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ଫୁଟବଲ ସମ୍ପାଦକ ସେକ୍ ଶବଦର, କ୍ରିକେଟ ସମ୍ପାଦକ ଅମୀୟ ଭୂଷଣ ସାହୁ, କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, ଦିଲୀପ ସାୱଡ଼ିଆ, ସୌର୍ଯ୍ୟରଞ୍ଜନ ରାୟ, ଜ୍ଞାନରଞ୍ଜନ ପୂଜାରୀ, ପ୍ରଫୁଲ୍ଲ ନାଏକ, ସମୀର ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ଛାତ୍ର କଂଗ୍ରେସର ଧାରଣା

ବରଗଡ଼ ଅଫିସ୍,୧୦।୮

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିଚାଳିତ ଯୁକ୍ତ ତିନି ତୃତୀୟ ସେମିଷ୍ଟାର ପରୀକ୍ଷାକୁ ଅନ୍‌ଲାଇନରେ କରିବା ଦାବି ନେଇ ମଙ୍ଗଳବାର ବରଗଡ଼ ଜିଲା ଛାତ୍ର କଂଗ୍ରେସ ଧାରଣା ଦେଇଥିଲା। ବରଗଡ଼ ସହରର ଗାନ୍ଧୀଛକରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ଧାରଣା ଚାଲିଥିଲା। କରୋନାମୁକ୍ତ ହୋଇ ନ ଥିବାବେଳେ କୋଭିଡ୍ କଟକଣା ମଧ୍ୟ ହଟିନାହିଁ। ଫଳରେ ଅନ୍‌ଲାଇନ ପରୀକ୍ଷା ପାଇଁ ଛାତ୍ର କଂଗ୍ରେସ ଦାବି କରିଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ଜିଲା ଛାତ୍ର କଂଗ୍ରେସ ସଭାପତି ଗୌରବ ପତିଙ୍କ ନେତୃତ୍ୱରେ ହୋଇଥିବା ଏହି ଧାରଣାରେ ଜିଲାର ବିଭିନ୍ନ କଲେଜର ଛାତ୍ରମାନେ ସାମିଲ ହୋଇଥିଲେ। କଂଗ୍ରେସର ଯୁବନେତା ପାଣ୍ଡବ କର୍ଣ୍ଣ ଉଦ୍‌ବୋଧନ ଦେଇଥିଲେ।

## ଉପ ନିବନ୍ଧକଙ୍କ ଅଫିସ୍‌ରେ ତାଲା ପକାଇଲେ ଓକିଲ

ବରଗଡ଼ ଅଫିସ୍,୧୦।୮

ବରଗଡ଼ ଜିଲା ଉପ ନିବନ୍ଧକଙ୍କ ଅଫିସ୍‌ରେ ବ୍ୟାପକ ଦୁର୍ନୀତି ହେଉଛି। ଏଭଳି ଅଭିଯୋଗ କରି ମଙ୍ଗଳବାର ବରଗଡ଼ ଜିଲା ଓକିଲ ସଂଘର କର୍ମକର୍ତ୍ତାମାନେ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଛନ୍ତି। ଉପ ନିବନ୍ଧକ ଅଫିସ୍‌ର ପିଅନଠାରୁ ଆରମ୍ଭ କରି ଉପନିବନ୍ଧକ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ବଦଳି ଦାବି କରି ସେମାନେ ଏହି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ଉକ୍ତ ଅଫିସ୍‌ରେ ସରକାରୀ କାର୍ଯ୍ୟ ସବୁ ଠପ୍ ପଡ଼ି ଯାଇଛି । ଦାବି ପୂରଣ ହେବା ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ବୋଲି ଓକିଲ ସଂଘ ଚେତାବନୀ ଦେଇଛି ।

ପ୍ରକାଶ ଯେ, ଜିଲା ଉପ ନିବନ୍ଧକଙ୍କ ଅଫିସ୍‌ରେ ଜମି ରେଜିଷ୍ଟ୍ରେଶନରେ ବ୍ୟାପକ ଅନିୟମିତତା ଚାଲିଛି। କର୍ମଚାରୀ, ଅଧିକାରୀମାନେ ଜମି ମାଫିଆଙ୍କ ସହିତ ଅସାଧୁ ମେଣ୍ଟ କରି ବ୍ୟାପକ ଲାଞ୍ଚ କାରବାର କରୁଥିବା ଓକିଲମାନେ ଅଭିଯୋଗ କରିଛନ୍ତି। ଓକିଲଙ୍କ ଏଭଳି ଆନ୍ଦୋଳନ ପରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସଂଘର ସାଧାରଣ ସମ୍ପାଦକ ହରିହର ପ୍ରଧାନଙ୍କ ସହିତ ଫୋନ୍‌ରେ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ଫଳପ୍ରଦ ହୋଇ ନ ଥିଲା। ଅନ୍ୟପଟେ ବୁଧବାର ସନ୍ଧ୍ୟା ୭ଟାରେ ଏହି ପରିପ୍ରେକ୍ଷୀରେ ଓକିଲ ସଂଘ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି । ଉକ୍ତ ଆନ୍ଦୋଳନରେ ସଂଘ ସଭାପତି କୁଶ ପ୍ରଧାନ, ଉପସଭାପତି ମୋହିତ ମହାପାତ୍ର, ସାଧାରଣ ସମ୍ପାଦକ ହରିହର ପ୍ରଧାନ, ଯୁଗ୍ମ ସମ୍ପାଦକ ସୁକାନ୍ତ ଦାଶଙ୍କ ସମେତ ଅନ୍ୟ କର୍ମକର୍ତ୍ତା, ସଭ୍ୟମାନେ ଅଂଶଗ୍ରହଣ କରିଥିଲେ। ଅପରପକ୍ଷେ ଉପ ନିବନ୍ଧକ ସଦାକର କୁମ୍ଭାର କହିଛନ୍ତି, ତାଙ୍କ ପାଖରେ ଏପର୍ଯ୍ୟନ୍ତ ପ୍ରମାଣ ସହିତ କୌଣସି ଅଭିଯୋଗ ପହଞ୍ଚିନାହିଁ। ସେ ପୂର୍ବାହ୍ନ ସାଢ଼େ ୯ଟାରେ ଅଫିସକୁ ପହଞ୍ଚିବା ପରେ ମୁଖ୍ୟ ଫାଟକରେ ଓକିଲ ସଂଘ ତାଲା ପକାଇ ଦେଇଥିବା ଜାଣିବାକୁ ପାଇଥିଲେ ବୋଲି କହିଛନ୍ତି।




ବରଗଡ଼ ଜିଲା ଉପ ନିବନ୍ଧକଙ୍କ ଅଫିସ୍‌ରେ ତାଲା ପକାଯାଉଛି।

## ଖଣ୍ଡୁଆଲ ମାଳିରେ ଖଣି ଖନନଙ୍କୁ ବିରୋଧ

ଭବାନୀପାଟଣା,୧୦।୮ (ସ୍ୱ.ପ୍ର.)



ଖଣ୍ଡୁଆଲ ମାଳି ପାହାଡ଼ ସୁରକ୍ଷା ପାଇଁ ଆୟୋଜିତ ମାନବ ଶୃଙ୍ଖଳ।

କଳାହାଣ୍ଡି ଜିଲା କାର୍ଲାପାଟ ଅଭୟାରଣ୍ୟ ମଧ୍ୟରେ ଥିବା ଖଣ୍ଡୁଆଲ ମାଳି ପାହାଡ଼ ସୁରକ୍ଷା ପାଇଁ ଖଣ୍ଡୁଆଲ ମାଳି ସୁରକ୍ଷା ସମିତି ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ତଥା ଅଗଷ୍ଟ ୯ କ୍ରାନ୍ତି ଦିବସରେ ମାନବ ଶୃଙ୍ଖଳ ଓ ଗଣପ୍ରତିବାଦ କରାଯାଇଛି। 'ଜାନ ଯାଉ ଜୀବନ ଯାଉ ଖଣ୍ଡୁଆଲ ମାଳି ବଞ୍ଚିଥାଉ' ଏଭଳି ନାରା ଦେଇ ପାହାଡ଼ର ପାଦଦେଶରେ ଏକଜୁଟ ହୋଇଥିଲେ ଆଦିବାସୀ। ହାତରେ ବାର୍ଛା, ଟାଙ୍ଗିଆ, ଧନୁତୀର ସହ ନିଜର ପାରମ୍ପରିକ ବେଶବୁଶାରେ ଏକଜୁଟ ହୋଇଥିଲେ। ଆଦିବାସୀମାନେ ଖଣ୍ଡୁଆଲମାଳି ଓ ଖଣ୍ଡୁଆଲ ଦେବତା ସୁରକ୍ଷା ପାଇଁ ସାଇସୁରନିଠାରୁ କର୍ଲାପାଟ ଯାଏଁ ଦୀର୍ଘ ୬ କି.ମି. ମାନବ ଶୃଙ୍ଖଳ ଅନୁଷ୍ଠିତ ହୋଇଥିଲା। ବକ୍ସାଇଟ ଭରା ଖଣ୍ଡୁଆଲ ମାଳିରେ ଖଣି ଖନନ ପାଇଁ ଚାଲିଥିବା ମସୁଧାକୁ ଅଞ୍ଚଳର ଆଦିବାସୀମାନେ ତୀବ୍ର ବିରୋଧ କରିଥିବା ବେଳେ ଖଣି ଖନନ ହେଲେ ଜୈବ ବିବିଧତା ନଷ୍ଟ ହେବାର ଆଶଙ୍କା ସହ ବହୁମୁଖୀ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ମଧ୍ୟ ପ୍ରଭାବିତ ହେବ ବୋଲି ଆୟୋଜକ ପ୍ରକାଶ କରିଛନ୍ତି। ଏସବୁ ଭିତରେ ଆଦିବାସୀଙ୍କ ଏହି ଦାବିକୁ ସରକାର କେତେ ଗୁରୁତ୍ୱ ଦେଉଛନ୍ତି ତାହା ସମୟ ହିଁ କହିବ।

## ବରଗଡ଼ ଜିଲାପାଳଙ୍କ ଝାରବନ୍ଧ ଗସ୍ତ

ଝାରବନ୍ଧ,୧୦।୮(ଡି.ଏନ.ଏ)

ବରଗଡ ଜିଲାପାଳ ମୋନିଷା ବାନାର୍ଜୀ ମଙ୍ଗଳବାର ଝାରବନ୍ଧ ଗସ୍ତ କରିଥିଲେ। ସେ ପୂର୍ବାହ୍ନ ୧୧ଟାରେ ଅମଠିରେ ପହଞ୍ଚିବା ପରେ ବିଡିଓ ସୁଶ୍ରୀ ଦମୟନ୍ତୀ ସାହୁ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଜିଲାପାଳ ଭଣ୍ଡାରପୁରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯାଇ ଶିକ୍ଷକମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେ ବେହେରାଡୁବୁରୀରେ ଏମ୍‌ଜିଏନ୍‌ଆରଇଜିଏ କାର୍ଯ୍ୟ ଓ ପରେ ଡଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଏଠାରେ ଜନସାଧାରଣଙ୍କ ବିଭିନ୍ନ ଅସୁବିଧା ଥିବା ଜାଣି କ୍ଷୋଭ ପ୍ରକାଶ କରିଥିଲେ। ପରେ ଜିଲାପାଳ ବିଜାଡ଼ୋଲ ଆଶ୍ରମ ବିଦ୍ୟାଳୟରେ ହଷ୍ଟେଲ ନିର୍ମାଣ ଶୀଘ୍ର ସମାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ସହିତ ବିଡିଓ ସାହୁ, ଏବିଡିଓ ଦେବାଶିଷ ସିହ୍ନା, ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ନାୟକ, ଏପିଇଓ କେତନ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଚନ୍ଦ୍ରଶେଖର ଝାଡିଆ ଉପସ୍ଥିତ ଥିଲେ।




ଜିଲାପାଳ ମୋନିଷା ବାନାର୍ଜୀ ଡଭା ଡାକ୍ତରଖାନା ପରିଦର୍ଶନ କରୁଛନ୍ତି ।

## ୧୮ ମାସରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଲକ୍ଷ୍ୟ

ବଲାଙ୍ଗୀର ଅଫିସ, ୧୦।୮

- କ୍ରୀଡାର ସାମଗ୍ରିକ ବିକାଶ ସହ ଜରୁରିକାଳୀନ ବ୍ୟବହାର ହେବ: ମନ୍ତ୍ରୀ
- ସଫେଇ ଗାଡି ଉଦ୍‌ଘାଟନ କଲେ




ମନ୍ତ୍ରୀ ଟୁକୁନି ସାହୁ ନିର୍ମାଣ ହେବାକୁ ଥିବା ଇନ୍‌ଡୋର ଷ୍ଟାଡିୟମ ସମ୍ପର୍କରେ ସୂଚନା ଦେଉଛନ୍ତି।

ବଲାଙ୍ଗୀର ଜିଲା ତୁଷରା କେଡିଆ ଭବନଠାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ କରି ତୁଷରାଠାରେ ନିର୍ମାଣ ହେବାକୁ ଥିବା ବହୁମୁଖୀ ମହାବାତ୍ୟା ନିରୋଧି ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ କ୍ରୀଡା ଭିତ୍ତିଭୂମି ପ୍ରସ୍ତୁତି ଓ କ୍ରୀଡାବିତ୍‌ମାନଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ଦଶନ୍ଧିର ଶ୍ରେଷ୍ଠ ରାଜ୍ୟଭାବେ ଓଡିଶା ମାନ୍ୟତା ପାଇଛି। କ୍ରୀଡାକୁ ଆହୁରି ଅଧିକ ବୃତ୍ତିଗତ ଢ଼ାଞ୍ଚାରେ ପରିଚାଳନା କରିବାକୁ ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରୀ ସାହୁ ସୂଚନା ଦେଇଥିଲେ।

ସେ କହିଥିଲେ ଯେ, ତୁଷରାଠାରେ ଏକ ବହୁମୁଖୀ ମହାବାତ୍ୟା ନିରୋଧି ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରିବାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବା ସହ ଅନୁଦାନ ବ୍ୟବସ୍ଥା କରିଛନ୍ତି। ୬.୩୫ କୋଟି ଟଙ୍କାରେ ଏହି ଷ୍ଟାଡିୟମ ନିର୍ମାଣ ହେବ। ୧୮ ମାସ ମଧ୍ୟରେ ଏହି ଷ୍ଟାଡିୟମକୁ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତୁଷରା ଏନ୍‌ଏସି ଅନ୍ତର୍ଗତ ଖରଡାସାହିଠାରେ ଏଥିନିମନ୍ତେ ପ୍ରାୟ ୩ ଏକର ଜମି ବ୍ୟବସ୍ଥା କରାଯାଇଛି। ଏହି ଷ୍ଟାଡିୟମ ନିର୍ମାଣ ହେଲେ ଏଠାରେ କେବଳ କ୍ରୀଡାର ବିକାଶ ସମ୍ଭବ ହେବନାହିଁ ବରଂ ଏଠାରେ ବନ୍ୟା, ବାତ୍ୟା ସମୟରେ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯାଇପାରିବ। ମହାମାରୀ ସମୟରେ ଡାକ୍ତରଖାନା ଭାବେ ମଧ୍ୟ ବ୍ୟବହାର କରାଯାଇପାରିବ ବୋଲି ମନ୍ତ୍ରୀ ସାହୁ ସୂଚନା ଦେଇଥିଲେ। ବଲାଙ୍ଗୀର ଜିଲାର ତୁଷରା ଏବଂ କଣ୍ଟାବାଞ୍ଜି ଏନ୍‌ଏସିଠାରେ ଦୁଇଟି ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରିବାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବା ସେ ସୂଚନା ଦେଇଥିଲେ। ଏହି ଅବସରରେ ତୁଷରା ଡାକ୍ତରଖାନାରେ ଡାକ୍ତର ଅଭାବ ସମସ୍ୟାକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ। ଏବେ ତୁଷରା ଡାକ୍ତରଖାନାରେ ଦୁଇଜଣ ଡାକ୍ତରଙ୍କୁ ନିଯୁକ୍ତ କରାଯାଇଛି। ଖୁବ୍‌ଶୀଘ୍ର ଏହି ଡାକ୍ତରଖାନାକୁ ଅପ୍‌ଗ୍ରେଡ କରାଯିବ ବୋଲି ସେ ସୂଚନା ଦେଇଥିଲେ।

ତେଲନଦୀର ଅଚଳ ମୋଗାଲିଫ୍ଟ ପଏଣ୍ଟଗୁଡିକୁ ଚାଲୁ କରିବା, ଗୁଡଭେଲା ବ୍ଲକ୍‌ରେ ପର୍ଯ୍ୟଟନର ବିକାଶ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସାହୁ କହିଥିଲେ। ଏହି ଖବରଦାତା ସମ୍ମିଳନୀକୁ ପ୍ରମୋଦ ପ୍ରଧାନ ପରିଚାଳନା କରିଥିବାବେଳେ ମଞ୍ଚରେ ତୁଷରା ଏନ୍‌ଏସିର ପୂର୍ବତନ ନଗରପାଳ ଭାଗ୍ୟଶ୍ରୀ ନାଗ, ଉପନଗରପାଳ ଦିନଦୟାଲ ଶର୍ମା ଓ କ୍ରୀଡାବିତ୍ ଦିନଦୟାଲ କେଡିଆ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ବହୁ କ୍ରୀଡାବିତ୍ ଉପସ୍ଥିତ ଥିଲେ। ପରେ ଏନ୍‌ଏସି କାର୍ଯ୍ୟାଳୟରେ ୩ଟି ଆବର୍ଜନା ସଂଗ୍ରହ ଗାଡିକୁ ସବୁଜ ପତାକା ଦେଖାଇ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଲମ୍ବୋଦର ଧରୁଆ ଓ ଅନ୍ୟ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି

ଲୋଇସିଂହା,(ଡି.ଏନ.ଏ): ଲୋଇସିଂହା ବ୍ଲକ ତଲିଉଡାର ପଞ୍ଚାୟତ ଅନ୍ତର୍ଗତ ବୁରୋମୁଣ୍ଡା ଗ୍ରାମର ନ୍ୟୁ ୱେ କ୍ଲବ ଆନୁକୂଲ୍ୟରେ ଆଗାମୀ ନୂଆଁଖାଇ ଭେଟଘାଟ ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଲଳିତ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୀଳାଞ୍ଚଳ ପାତ୍ର, ମଣ୍ଟୁ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କରୋନା କଟକଣା ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

**ସଂକ୍ଷେପରେ**

## କୋରେକ୍ସ ଜବତ, ୨ଗିରଫ

**ଖପ୍ରାଖୋଲ,୧୦।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ୍ କୋରେକ୍ସ ରଖିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ୍ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଲରମ୍ବା ଥାନା ଲୁହାସିଂହା ଗାଁର ରୋସନ୍ ସାହୁ(୨୩) ଏବଂ ଗୋକୁଳ ମାହାର(୩୮)। ସୂଚନା ଅନୁସାରେ ପୋଲିସ୍ ସୋମବାର ପାଟ୍ରୋଲିଂ କରୁଥିବାବେଳେ ସାନଉଡେନ୍ ଗାଁ ନିକଟରେ ସନ୍ଦେହ କରି ରୋସନ୍‌ଙ୍କ ବାଇକ ତନଖି ବେଳେ ଡିକିରୁ ୩୨ ବୋତଲ ଏକ୍ସକରିଲ କୋରେକ୍ସ ଜବତ୍ କରିଥିଲା। ଏହି ଘଟଣାରେ ରୋସନଙ୍କ ସହ ଥିବା ଗୋକୁଳଙ୍କୁ ବି ଗିରଫ କରିଥିଲା। ସେମାନଙ୍କଠାରୁ ୨ଟି ବାଇକ ଜବତ କରିଛି ପୋଲିସ। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା( ନଂ ୧୧୫/୨୧)ରୁଜୁ ହୋଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

## ବିଜୁ ଛାତ୍ର ଜନତା ଦଳର ସାଙ୍ଗଠନିକ ଆଲୋଚନା

**ଲୋଇସିଂହା,୧୦।୮(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଲମଣ୍ଡା ଏବଂ ଲୋଇସିଂହାଠାରେ ବିଜୁ ଛାତ୍ର ଜନତା ଦଳର ସାଙ୍ଗଠନିକ ଆଲୋଚନା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ଆଦିବାସୀ ଭବନଠାରେ ଅନୁଷ୍ଠିତ ବୈଠକରେ ଅନୁଷ୍ଠିତ ସଭାରେ ଯୁବ ସଭାପତି ପ୍ରକାଶ ମହାରଣା ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା, ବରିଷ୍ଠ କାର୍ଯ୍ୟକର୍ତ୍ତା ବିମଳ ମେହେର, ଜିଲା ଛାତ୍ର ବିଜେଡି ସଭାପତି ଗୁଞ୍ଜ ଖାନ, ପର୍ଯ୍ୟବେକ୍ଷକ ଅଭିଲାଷ ଦାସ, ଉପସଭାପତି ନୀତେଶ କୁମାର ଅଗ୍ରୱାଲ, ସୁରେଶ ନାଏକ, ଦେବରାଜ ଅମାତ, ଲୋଇସିଂହା ଛାତ୍ର ବିଜେଡି ସଭାପତି ଜଗତପତି ଦାନୀ, ପୁଇଁତଲା ସଭାପତି ହେମନ୍ତ ଛୁରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ବୁଥସ୍ତରରେ ଛାତ୍ର ବିଜୁ ଜନତା ଦଳକୁ ସଶକ୍ତ କରିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ସଂଗଠନର ଭୂମିକା ଏବଂ ରଣନୀତି ଉପରେ ବୈଠକରେ ଆଲୋଚନା ହୋଇଥିଲା। ଟିଵଲୁ କଦମ ଧନ୍ୟବାଦ ଅର୍ପଣ କରିଥିଲେ।

## ହସ୍ତତନ୍ତ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଜିଲା ପରିଷଦ ଅଧ୍ୟକ୍ଷା

### ଡିଡିଟି ଅଫିସ ଡାଉନଗ୍ରେଡ୍ ଘଟଣା

**ସୋନପୁର,୧୦।୮(ନି.ପ୍ର.):** ଉପନିର୍ଦ୍ଦେଶକ ବୟନ ଶିଳ୍ପ(ଡିଡିଟି) ସୋନପୁରଙ୍କ କାର୍ଯ୍ୟାଳୟକୁ ରାଜ୍ୟ ସରକାର ଡାଉନଗ୍ରେଡ୍ କରିଛନ୍ତି। ଜୁନ୍ ୨ତାରିଖଠାରୁ ଡିଡିଟି ଅଫିସ ସୋନପୁର ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ(ଏଡିଟି)ଙ୍କ ଅଫିସରେ ପରିଣତ ହୋଇଛି। ଏହି ଘଟଣାକୁ ବୁଦ୍ଧିଜୀବୀ ମହଲରେ ବିରୋଧ କରାଯାଉଛି। ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ଏହି ଘଟଣାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କୁ ଚିଠି ଲେଖିଛନ୍ତି। ବାନ୍ଧକଳା, ପାଟଶାଢ଼ୀକୁ ନେଇ ସୁବର୍ଣ୍ଣପୁର ଜିଲାର ସ୍ୱତନ୍ତ୍ର ପରିଚୟ ରହିଛି। ଏଠାରେ ୧୫ ହଜାରରୁ ଉର୍ଦ୍ଧ୍ୱ ବୁଣାକାର ପରିବାର ଓ ୬୬୦୦ଟି ତନ୍ତଶାଳ କାର୍ଯ୍ୟକ୍ଷମ ଅଛି। ବାର୍ଷିକ ୧୧୦ କୋଟି ଟଙ୍କାର ଶାଢ଼ୀ ବ୍ୟବସାୟ ହେଉଛି। ଜିଲାରେ ଅଧିକ ପାରମ୍ପରିକ ବୁଣାକାର, ମାଷ୍ଟର ଟ୍ରେନର, ଡିଜାଇନର ଓ ବାନ୍ଧଶିଳ୍ପୀ ଅଛନ୍ତି। ଲକ୍ଷାଧିକ ଲୋକ ବୟନଶିଳ୍ପକୁ ନେଇ ଜୀବିକା ନିର୍ବାହ କରୁଛନ୍ତି। ତେଣୁ ଜିଲାର ସ୍ୱାର୍ଥ ଓ ବୁଣାକାରଙ୍କ ଉନ୍ନତି ପାଇଁ ନିଷ୍ପତ୍ତି ପରିବର୍ତ୍ତନ କରିବାକୁ ଅଧ୍ୟକ୍ଷା କୁମାରୀ ରାଜ୍ୟ ହସ୍ତତନ୍ତ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ପୂର୍ବତନ କାଉନସିଲରଙ୍କ ପରଲୋକ

**ଟିଟିଲାଗଡ,୧୦।୮(ଡି.ଏନ.ଏ .):** ବଲାଙ୍ଗୀର ଜିଲା ଟିଟିଲାଗଡ ପୌର ପରିଷଦର ପୂର୍ବତନ କାଉନସିଲର ତଥା ୱାର୍ଡ ନଂ. ୧୪ର ମଞ୍ଜୁରାଣୀ ସିହ୍ନାଙ୍କ ସୋମବାର ପରଲୋକ ହୋଇଯାଇଛି।


ମଞ୍ଜୁରାଣୀ ସିହ୍ନା

ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ହୋଇଥିଲା। ଦୀର୍ଘଦିନ ହେଲା ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ରବିବାର ଟିଟିଲାଗଡରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ବଡ ପୁଅ ସୁବ୍ରତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ୧୯୯୨ ମସିହାରେ ସେ ୱାର୍ଡ ନଂ ୧୪ରୁ କଂଗ୍ରେସ ଦଳରୁ କାଉନସିଲରଭାବେ ନିର୍ବାଚିତ ହୋଇଥିଲେ।

# ରାଜସ୍ୱ ବିଭାଗକୁ ଫେରିଲା ପୂର୍ତ୍ତ ରେକର୍ଡଭୁକ୍ତ ଜମି

**ବଲାଙ୍ଗୀର ଅଫିସ, ୧୦।୮**




- ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନାଁରେ ଜମିପଟ୍ଟା ପ୍ରକ୍ରିୟାକରଣ
- ଜିଲାପାଳ କାର୍ଯ୍ୟାଳୟକୁ ଆସିଲା ଚିଠି
- ନିୟମାନୁଯାୟୀ ପଦକ୍ଷେପ ନିଆଯିବ

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନାଁରେ ଜମିପଟ୍ଟା କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପଦକ୍ଷେପ ସ୍ୱରୂପ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଦଖଲରେ ଥିବା ତଥା ପୂର୍ତ୍ତବିଭାଗ ରେକର୍ଡଭୁକ୍ତ ୭.୬୬୫ ଏକର ଜମିକୁ ରାଜସ୍ୱ ବିଭାଗ ଖାତାକୁ ଫେରାଯାଇଛି। ପୂର୍ତ୍ତବିଭାଗ ସ୍ୱତନ୍ତ୍ର ସଚିବ ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଅତିରିକ୍ତ ସଚିବଙ୍କୁ ଚିଠି କରି ଅବଗତ କରିଛନ୍ତି। ଉକ୍ତ ଚିଠିରେ ବଲାଙ୍ଗୀର ମୌଜାର ୩ ନମ୍ବର ଖାତାରେ ଥିବା ୪୮୪ ନମ୍ବର ପ୍ଲଟ୍ ଅନ୍ତର୍ଗତ ୦.୦୬୫ ଏକର ଜମି ଓ ପ୍ଲଟ୍ ନମ୍ବର ୪୮୫ ଅନ୍ତର୍ଗତ ୭.୬୦୦ ଏକର ଜମି ସମୁଦାୟ ୭.୬୬୫ ଏକର ଜମିକୁ ରାଜସ୍ୱ ବିଭାଗକୁ ଆସିଯାଇଛି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଦଖଲରେ ୭୭ ବର୍ଷ ହେଲା ଯେତିକି ଜମି ରହିଛି ତାର ପଟ୍ଟା ବିଶ୍ୱବିଦ୍ୟାଳୟ ନାଁରେ ହୋଇନାହିଁ। ଏଭଳି ଏକ ତ୍ରୁଟି ଯୋଗୁଁ ବିଶ୍ୱବିଦ୍ୟାଳୟ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛି।

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ୟୁଜିସି ଅଧିନିୟମ ୧୯୫୬ର ଧାରା ୧୨ (ବି) ସ୍ୱୀକୃତି ପାଇଁ ଶିକ୍ଷାନୁଷ୍ଠାନ ନାଁରେ ଆବଶ୍ୟକ ଜମି ରହିବା ବାଞ୍ଛନୀୟ। ଏହି ପରିସ୍ଥିତିରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନାଁରେ ଆବଶ୍ୟକ ଜମିର ପଟ୍ଟା ସହ ଅନ୍ୟାନ୍ୟ ଭିତ୍ତିଭୂମି ଓ ଷ୍ଟାଫ୍ ନଥିବାରୁ କର୍ତ୍ତୃପକ୍ଷ ଅଧିନିୟମ ଧାରା ୧୨ (ବି) ସ୍ୱୀକୃତି ପାଇଁ ଆବେଦନ କରିପାରି ନାହାନ୍ତି। ଏହି ସ୍ୱୀକୃତି ନପାଇଲେ ଏହି ବିଶ୍ୱବିଦ୍ୟାଳୟ ଗୁରୁତ୍ୱ ହରାଇବ। ୭୭ ବର୍ଷ ପୁରୁଣା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଦଖଲରେ ଏବେ ପ୍ରାୟ ୪୯ ଏକର ଜମି ଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ ନାଁରେ ଇଞ୍ଚେ ଜମିର ପଟ୍ଟାନାହିଁ। ଦଖଲଭୁକ୍ତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଜମି ରାଜସ୍ୱ ଓ ପୂର୍ତ୍ତ ବିଭାଗ ରେକର୍ଡରେ ରହିଥିଲା। ଧରିତ୍ରୀରେ ଏ ସଂକ୍ରାନ୍ତରେ କ୍ରମାଗତ ଖବର ପରିବେଷଣ ପରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନାଁରେ ଜମିପଟ୍ଟା କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ସରକାର ଏ ଦିଗରେ ତତ୍ପରତା ପ୍ରକାଶ କରିଛନ୍ତି। କିଛିଦିନ ତଳେ ମନ୍ତ୍ରୀ ସୁଶାନ୍ତ ସିଂ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଆସି କୁଳପତି, ରେଜିଷ୍ଟ୍ରାରଙ୍କୁ ସାକ୍ଷାତ କରି ଜମି ଓ ଅନ୍ୟାନ୍ୟ ସମସ୍ୟା ବୁଝିଥିଲେ। ବିଭିନ୍ନ ସଙ୍ଗଠନ ତରଫରୁ ମଧ୍ୟ ବିଶ୍ୱବିଦ୍ୟାଳୟକୁ ଆବଶ୍ୟକ ୧୫୦ଏକର ଜମି ଓ ଷ୍ଟାଫ୍ ଯୋଗାଇ ଦେବାକୁ ଦାବି କରିଥିଲେ। ଏବେ ପୂର୍ତ୍ତ ରେକର୍ଡଭୁକ୍ତ ଜମି ରାଜସ୍ୱ ବିଭାଗକୁ ଫେରିବା ପରେ ଏହାକୁ ନିୟମାନୁଯାୟୀ ବିଶ୍ୱବିଦ୍ୟାଳୟ ନାଁରେ ଜମିପଟ୍ଟା କରାଯିବା ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ ପ୍ରାୟ ତିନି ମାସ ସମୟ ଲାଗିଯିବ ବୋଲି କୁହାଯାଉଛି। ଏ ସଂକ୍ରାନ୍ତରେ ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀଙ୍କୁ ପଚରାଯିବାରୁ ପୂର୍ତ୍ତ ବିଭାଗ ନାଁରେ ରେକର୍ଡଭୁକ୍ତ ୭.୬୬୫ ଏକର ଜମିକୁ ରାଜସ୍ୱ ବିଭାଗକୁ ଛାଡି ଦେଇଥିବା ସଂକ୍ରାନ୍ତୀୟ ଚିଠି ହସ୍ତଗତ ହୋଇଛି। ଉକ୍ତ ଚିଠି ବଳରେ ଏହି ଜମିକୁ ରାଜସ୍ୱ ଖାତାକୁ ନିଆଯିବ। ଏହାପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଜମିପଟ୍ଟା ଦିଆଯିବା ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଆଗକୁ ବିଶ୍ୱବିଦ୍ୟାଳୟ ପାଇଁ ନିହାତି ଆବଶ୍ୟକ ଅତିରିକ୍ତ ୧୦୦ଏକର ଜମି, ଷ୍ଟାଫ୍ ଓ ଭିତ୍ତିଭୂମି ଯୋଗାଇ ଦେବାରେ ସରକାର କିଭଳି ତତ୍ପରତା ପ୍ରକାଶ କରିବେ ତାକୁ ବଲାଙ୍ଗୀରବାସୀ ଅପେକ୍ଷା କରିଛନ୍ତି।

**ଫଟୋରେ ଖବର**



ବଲାଙ୍ଗୀର ସହରର ଭାଗରଥି ଛକ-ସାର୍କିଟ ହାଉସ ରାସ୍ତାକଡ଼ରେ ଗଦା ହୋଇ ରହିଥିବା ବ୍ୟବହୃତ ପଲିଥିନ୍। (ଫଟୋ: ସୁନୀଲ)

# ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ

**ତରଭା, ୧୦।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତା ଓ ସାଂଗଠନିକ ବୈଠକ ମଙ୍ଗଳବାର ସ୍ଥାନୀୟ ନାରାୟଣ ମୂରଲୀ କଲ୍ୟାଣ ମଣ୍ଡପରେ ସଂଗଠନ ବ୍ଲକ ସଭାପତି ହେମନ୍ତ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ସରୋଜ କୁମାର କମ୍ପ, ଛାତ୍ର ସଂଗଠନ ଜିଲା ପର୍ଯ୍ୟବେକ୍ଷକ ଆଶିଷ ରଞ୍ଜନ ମହାପାତ୍ର, ଜିଲା ସଭାପତି ଶାଶ୍ୱତ କୁମାର ମିଶ୍ର, ଜିଲା ପରିଷଦ ସଭ୍ୟ ପ୍ରବୀଣ ନାଗ, ନଗର ଯୁବ ସଭାପତି ଦନାର୍ଦ୍ଦନ ଥନାପତି, ବ୍ଲକ ଯୁବ ସଭାପତି ଗଦିଦାର କୁଅଁର, ତରଭା ନଗର ଛାତ୍ର ସଭାପତି ସର୍ବଜିତ ରାଜଗୁରୁ, ନଗର ସଭାପତି ଗଗନ ଅଗ୍ରୱାଲ, ଛାତ୍ର ସଂସଦ ଜିଲା ସମ୍ପାଦକ ଅଭିଷେକ ଶର୍ମା, ସୋନପୁର ବ୍ଲକ ଛାତ୍ର ସଭାପତି ରଘୁନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ନେତୃବୃନ୍ଦ ସଂଗଠନ କର୍ମକର୍ତ୍ତାଙ୍କୁ ସୋସିଆଲ ମିଡିଆ ମାଧ୍ୟମରେ ନବୀନ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମକୁ ତଳସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ସହ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲା ବିଜେଡି ସମ୍ପାଦକ ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମଞ୍ଚାସୀନ ଦଳୀୟ ନେତୃବର୍ଗ।

# ୨୪ଘଣ୍ଟା ବିତିଲା, ଜବତ ଚାଉଳ କାହାର ଜଣାପଡୁନି


ବ୍ଲକ ଯୋଗାଣ ଅଧିକାରୀ ଜବତ ଚାଉଳ ଓଜନ କରୁଛନ୍ତି।

**ସଇଁତଲା,୧୦।୮(ଡି.ଏନ.ଏ.)**

**ମିନିଟ୍ରକ ଜବତ, ଡ୍ରାଇଭର ଅଟକ**

ବଲାଙ୍ଗୀର ଜିଲା ସଇଁତଲା ଥାନା ପୋଲିସ ଏକ ମିନିଟ୍ରକରେ ଚାଲାଣ ହେଉଥିବା ବେଳେ ସନ୍ଦେହରେ ୬୪ବସ୍ତା ଚାଉଳ ଓ ୩୮ବସ୍ତା ପିଜୁଆ ଜବତ କରିଛି। ସୋମବାର ସନ୍ଧ୍ୟାରେ ଛନଛଡ଼ା ଗ୍ରାମରୁ ମିନିଟ୍ରକ ନଂ. ଓଆର ୦୮ ବି ୮୮୬୬ରେ ପିଡ଼ିଏସ ଚାଉଳ କଣ୍ଟାବାଞ୍ଜି ଚୋରାଚାଲାଣ ହେଉଥିବା ନେଇ ସଇଁତଲା ଓ ଟିକ୍ରାପଡ଼ା ପୋଲିସକୁ ଖବର ମିଳିଥିଲା। ପୋଲିସ ମିନିଟ୍ରକକୁ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅଟକାଇଥିଲା। ଡ୍ରାଇଭରଙ୍କୁ ଟ୍ରକରେ ଥିବା ଚାଉଳ ସମ୍ପର୍କରେ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଫଳରେ ପୋଲିସ ଗାଡିକୁ ସଇଁତଲା ଥାନାକୁ ଆଣିଥିଲା। ମଙ୍ଗଳବାର ସକାଳୁ ସଇଁତଲା ବ୍ଲକ ଯୋଗାଣ ଅଧିକାରୀ ନଳିନୀକାନ୍ତ ପାଲ ଥାନାରେ ପହଞ୍ଚି ଗାଡ଼ିରେ ଥିବା ଚାଉଳ ଯାଞ୍ଚ କରିଥିଲେ। ଗାଡ଼ିରେ ୩୭ଟି ପ୍ଲାଷ୍ଟିକ ବ୍ୟାଗ ଓ ୨୭ଟି ଅଖାବସ୍ତାରେ ମୋଟ ୩୦କୁଇଣ୍ଟାଲ ୮୦କେଜିରୁ ଉର୍ଦ୍ଧ୍ୱ ଚାଉଳ ଥିବା ଜଣାପଡ଼ିଥିଲା। ଅଖାବସ୍ତାରେ ପିଡ଼ିଏସର ଚିହ୍ନ ରହିଥିଲା। ହେଲେ ସରକାରୀଭାବେ ସିଲାଇ ହୋଇ ନ ଥିବାରୁ ଏହା ପିଡ଼ିଏସ ଚାଉଳ ନୁହେଁ ବୋଲି ଯୋଗାଣ ଅଧିକାରୀ ପାଲ କହିଥିଲେ। ଚାଉଳ ଜବତ ହେବାର ୨୪ ଘଣ୍ଟା ବିତିଥିଲେ ମଧ୍ୟ ଏହା କାହାର ଓ କେଉଁଠାକୁ ଯାଉଥିଲା ତାହା ସ୍ପଷ୍ଟ ହୋଇପାରିନାହିଁ। ଡ୍ରାଇଭର ମୁହଁ ଖୋଲୁ ନାହାନ୍ତି। ତେଣୁ ପୋଲିସ ମିନିଟ୍ରକ ସହ ଚାଉଳ ଜବତ କରିଛି। ସଇଁତଲା ବ୍ଲକର ବିଭିନ୍ନ ପଞ୍ଚାୟତରେ ପିଡ଼ିଏସ ଚାଉଳ ବସ୍ତାର ସିଲେଇ ଖୋଲିଦେଇ ହାତ ସିଲାଇ କରି ବେନାମୀ ଗାଡ଼ିରେ ରାଇସ୍ ମିଲକୁ ଚାଲାଣ ହେଉଥିବା ଅଭିଯୋଗ ହେଉଛି।

## ଟ୍ରକ ଧକ୍କାରେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ

**ବୌଦ୍ଧ,୧୦।୮(ସ୍ୱ.ପ୍ର.)**

ବୌଦ୍ଧ ସହରସ୍ଥିତ ମୁସଲିମ୍‌ପଡାର ଜଣେ ଯୁବ ଇଞ୍ଜିନିୟରଙ୍କ ମଙ୍ଗଳବାର ଦିନ ଟ୍ରକ ଧକ୍କାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଅବଦୁଲ ମଇନ ଖାଁ (୨୧)ଓରଫ (ଛୋଟୁ)। ମିଳିଥିବା ସୂଚନା ମୁତାବକ, ମଇନ ଅପରାହ୍ନ ସମୟରେ ମୋଟର ସାଇକେଲ ଯୋଗେ ବସଷ୍ଟାଣ୍ଡଠାରୁ ବାହାରି ଘରକୁ ଯାଉଥିବା ବେଳେ ବସଷ୍ଟାଣ୍ଡ ନିକଟସ୍ଥ ଶନି ମନ୍ଦିର ନିକଟରେ ପଛପଟୁ ଏକ ଟ୍ରକ (ନଂ ଓଡି-୧୯କେ- ୧୧୭୮) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମଇନଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଟ୍ରକ ଚାଳକ ଫେରାର ହେବା ସହ ଅନୁଗୋଳ ଜିଲା କିଆକଟା ଥାନାରେ ଆତ୍ମ ସର୍ମପଣ କରିଥିଲା। ଖବରପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ଟ୍ରକକୁ ଜବତ କରିଛି।

## ସାର ଦୋକାନ ସିଲ୍

**ପାଇକମାଳ,୧୦।୮(ଡି.ଏନ.ଏ)**

ସାର କଳାବଜାରକୁ ବିରୋଧ କରି ପାଇକମାଳ ଭାଜପା ପକ୍ଷରୁ ସୋମବାର କୃଷି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ମଙ୍ଗଳବାର ପାଇକମାଳ ସହକାରୀ କୃଷି ଅଧିକାରୀ ଝୁମିନା ମେହେର, କୃଷି ଓଭରସିୟର ମନୋରଞ୍ଜନ ପୁରୋହିତ ସ୍ଥାନୀୟ ଟାୟଲ ଟ୍ରେଡର୍ସ ଫର୍ଟିଲାଇଜର ଓ କୀଟନାଶକ ଦୋକାନ ଉପରେ ଚଢ଼ାଉ କରିଥିଲେ। ଚଢାଉ ବେଳେ ଉକ୍ତ ଦୋକାନକୁ ସିଲ୍ କରିବା ସହ ଲାଇସେନ୍ସ ରଦ୍ଦ ପାଇଁ ସୁପାରିଶ କରାଯାଇଛି। ଏହାସହ କମଳେଶ ଟ୍ରେଡର୍ସ ନାମକ ଦୋକାନ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ପ୍ରକାଶ ଥାଉକି, ଜର୍ଜଗଡ ଗ୍ରାମର ଚାଷୀ ଛବି ପ୍ରଧାନ ଉକ୍ତ ଦୋକାନୀଙ୍କ ନାମରେ ଚାଷୀଙ୍କ ସବ୍‌ସିଡି ଟଙ୍କା ହଡପ କରିଥିବା ଅଭିଯୋଗ କରିଥିଲେ।

# ଡମ୍ପିଂୟାର୍ଡ ହେବ, ଦୋକାନୀଙ୍କୁ ଦିଆଯିବ ଡଷ୍ଟବିନ


ବଜାର ସଫା କରିବା ପାଇଁ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଦୋକାନୀଙ୍କ ମଧ୍ୟରେ ଆଲୋଚନା।

**ଅମରପାଲି,୧୦।୮(ଡି.ଏନ.ଏ.)**

**ବୀରମହାରାଜପୁର ଦୈନିକ ବଜାର ପରିଚ୍ଛନ୍ନ ପାଇଁ ଆଲୋଚନା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଦୈନିକ ବଜାରରେ ଗଦାଗଦା ଅଳିଆ ଜମି ରହୁଛି। ଏଥିଯୋଗୁ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ମଙ୍ଗଳବାର ବୀରମହାରାଜପୁର ପ୍ରଶାସନ ଉକ୍ତ ଅଞ୍ଚଳକୁ ଯାଇ ସେଠାକାର ସ୍ଥିତି ପରଖିଛି। ଖୁବ୍‌ଶୀଘ୍ର ଉକ୍ତ ଦୈନିକ ବଜାରର ଅଳିଆ ଆବର୍ଜନା ସଫା କରାଯିବ। ଏଥିସହିତ ସ୍ଥାୟୀଭାବେ ପରିଚ୍ଛନ୍ନତା କରାଯିବ ବୋଲି ଉପଜିଲାପାଳ ଅଶୋକ କୁମାର ଭୋଇ ପ୍ରକାଶ କରିଛନ୍ତି। ଉପଜିଲାପାଳଙ୍କ ସହିତ ପଞ୍ଚାୟତ ସମିତି ଅଧ୍ୟକ୍ଷ ସନ୍ତୋଷ ଭୋଇ, ବିଡିଓ ମୋତିଲାଲ ସୁଲିଆ, ତହସିଲଦାର ବିଜ୍ଞାନ କୁମ୍ଭାର, ଏଇ ବୀନିତ ଲାକ୍ରା, ଆରଡବ୍ଲୁଏସଏସ ଯନ୍ତ୍ରୀ ମଞ୍ଜୁଲତା ଗଡୁଆ ଦୈନିକ ବଜାର ଆସି ସ୍ଥାନୀୟ ଦୋକାନୀମାନଙ୍କ ସହିତ ଏହାର ପରିଚ୍ଛନ୍ନତା ଉପରେ ଆଲୋଚନା କରିଥିଲେ। ଗୋଟିଏ ସ୍ଥାନରେ ଡମ୍ପିଂୟାର୍ଡ କରିବା ସହିତ ସମସ୍ତ ଦୋକାନୀଙ୍କୁ ଡଷ୍ଟବିନ ଦିଆଯିବ। ଏହାସତ୍ତ୍ୱେ ଯିଏ ଅପରିଷ୍କାର କରିବ ତାଙ୍କୁ ଜରିମାନା କରାଯିବ ବୋଲି ଆଲୋଚନାରେ ନିଷ୍ପତ୍ତି ହୋଇଥିଲା। ସ୍ଥାନୀୟ ସରପଞ୍ଚ ପରିମଳ ବିଭାଗର ସହାୟତାରେ ପରିଷ୍କାର କରିବେ ବୋଲି ସ୍ଥିର କରାଯାଇଛି। ସ୍ଥାନୀୟ ଦୋକାନୀମାନେ ମଧ୍ୟ ପ୍ରଶାସନକୁ ସହଯୋଗ କରି ଦୈନିକ ବଜାରକୁ ପରିଷ୍କାର ପରିଚ୍ଛନ୍ନତା କରାଯିବ ବୋଲି ସମ୍ମତି ଜଣାଇଛନ୍ତି।

# ହିତାଧିକାରୀଙ୍କ ପ୍ରୋତ୍ସାହନ ରାଶିରୁ କମିସନ ଅସୁଲି

**ଲାଠୋର,୧୦।୮(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଅଞ୍ଚଳର ଆବାସ ଯୋଜନା ହିତାଧିକାରୀଙ୍କୁ ଦିଆଯାଉଥବା ପ୍ରୋତ୍ସାହନ ରାଶିରୁ ବ୍ଲକର କେତେକ କର୍ମଚାରୀ କମିଶନ ଅସୁଲ କରୁଛନ୍ତି। ଏନେଇ ଅଭିଯୋଗ କରିଛନ୍ତି ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ। ବାସଗୃହହୀନ ପରିବାରକୁ ଗୃହ ନିର୍ମାଣ ପାଇଁ ଆବାସ ଯୋଜନାରେ ୧ ଲକ୍ଷ ୩୦ହଜାର ଟଙ୍କା ଯୋଗାଇ ଦିଆଯାଉଛି। ଯେଉଁ ହିତାଧିକାରୀ ୧୨୦ଦିନ ମଧ୍ୟରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିଥିବେ ସେମାନଙ୍କୁ ୨୦ହଜାର ଏବଂ ୧୮୦ଦିନ ମଧ୍ୟରେ ସମ୍ପୂର୍ଣ୍ଣ କଲେ ୧୦ହଜାର ଟଙ୍କା ପ୍ରୋତ୍ସାହନ ରାଶିନ୍ ଯୋଗାଇ ଦିଆଯାଇଥାଏ। କେଉଁ ହିତାଧିକାରୀ କେତେ ଟଙ୍କା ପ୍ରୋତ୍ସାହନ ରାଶି ପାଇବେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇ ଅର୍ଥରାଶି ଦେବା କଥା। ହେଲେ ବ୍ଲକର କେତେକ କର୍ମଚାରୀ ପଞ୍ଚାୟତକୁ ନ ଜଣାଇ ପ୍ରୋତ୍ସାହନ ରାଶି ଦେଉଛନ୍ତି। ପରବର୍ତ୍ତୀ ସମୟରେ ଲୋକ ଲଗାଇ ୩ରୁ ୫ହଜାର ଯାଏ ଟଙ୍କା ହିତାଧିକାରୀଙ୍କଠାରୁ ଅସୁଲି କରୁଛନ୍ତି। ନିକଟ ଅତୀତରେ ଟଙ୍କପାଣି ପଞ୍ଚାୟତ ଅନ୍ତର୍ଗତ ପତ୍ରାପାଲି ଗ୍ରାମରେ ଏପରି ଏକ ଘଟଣା ଘଟିଛି। ତତ୍କାଳୀନ ବିଡିଓ ଏଥିରେ ହସ୍ତକ୍ଷେପ କରିବାରୁ ଟଙ୍କା ନେଇଥିବା ବ୍ୟକ୍ତି ହିତାଧିକାରୀଙ୍କୁ ନେଇଥିବା ଟଙ୍କା ଫେରାଇଥିଲେ। ଘଟଣାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ବିଡିଓ ରଶ୍ମିରଞ୍ଜନ ରାଉତଙ୍କୁ ପଚାରିବାରୁ ଅଭିଯୋଗ ସମ୍ପର୍କରେ ଅବଗତ ଅଛି। କିଭଳି ଏଥିରେ ସ୍ୱଚ୍ଛତା ଆସିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବର୍ଷାନାହିଁ, ଶୁଖିଲା ପଡ଼ିଛି ଚାଷଜମି

**ଟିଟିଲାଗଡ଼,୧୦।୮(ଡି.ଏନ.ଏ)**


ବର୍ଷଭାବରୁ ଶୁଖିଲା ପଡିଥିବା ଏକ ଧାନକ୍ଷେତ।

- ଟିଟିଲାଗଡ଼ରେ ମରୁଡି ପରିସ୍ଥିତି
- ଉଠାଜଳସେଚନ ପ୍ରକଳ୍ପ ଅଚଳ
- କାମକୁ ଆସୁନି କ୍ଷୁଦ୍ର ଜଳସେଚନ ବିଭାଗ ଡ୍ୟାମ

ଚଳିତ ଖରିଫରେ ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକରେ ବର୍ଷାହାନି ମରୁଡି ପରିସ୍ଥିତି ସୃଷ୍ଟି କରିଛି। ଗତ ଜୁଲାଇରେ ଅଭାବୀ ବର୍ଷା ପରେ ଅଗଷ୍ଟରେ ଅଦ୍ୟାବଧି ବର୍ଷାର ଦେଖାନାହିଁ। ଚାଷ ଜମି ଶୁଖିଲା ପଡିଛି। ରୁଆ, ବେଉଷଣ କରି ନ ପାରି ଚାଷୀ ହାତବାନ୍ଧି ବସିଛି। ଅନ୍ୟପକ୍ଷରେ ମୁଣ୍ଡ ଫଟା ଖରାରେ କ୍ଷେତରେ ଥିବା ବୁଣାଧାନ ଗଛ ବେରଙ୍ଗ ହୋଇଲାଣି। ଆଗକୁ ବର୍ଷା ସମ୍ଭାବନା ନେଇ ପାଣିପାଗ ବିଭାଗର କୌଣସି ପୂର୍ବାନୁମାନ ନଥିବା ବେଳେ ସଫା ଆକାଶକୁ ଚାହିଁ ଚାଷୀମାନେ ହତାଶ ପଡିଛନ୍ତି।

ବ୍ଲକ ଅଞ୍ଚଳରେ ଥିବା ବାଙ୍କେଲ ଏବଂ ଯମୁନା ଜୋର ଜଳସେଚନ ବିଭାଗ ଡ୍ୟାମ, ମାଥନପଲା କ୍ଷୁଦ୍ର ଜଳସେଚନ ବିଭାଗ ଡ୍ୟାମ ଚାଷୀଙ୍କ ଫସଲ ରକ୍ଷା ପାଇଁ କାମକୁ ଆସୁନାହିଁ। କିଛି ଅଞ୍ଚଳକୁ କେନାଲ ଲମ୍ବିଛି। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ସ୍ଥାନରେ କେନାଲ ଭୁଶୁଡି ପଡିଲାଣି। ମାଥନପଲା ଡ୍ୟାମରେ ପାଣି ନ ଥିବାରୁ ଫସଲହାନୀ ହୋଇଛି। ଅନେକ ସ୍ଥାନରେ ଉଠାଜଳସେଚନ ପ୍ରକଳ୍ପ ଅଚଳ ଚିନ୍ତାର କାରଣ ସାଜିଛି। ବ୍ଲକ ଅଞ୍ଚଳରେ ରହିଥିବା ଦୁଇଟି ମେଗା ଉଠା ଜଳସେଚନ ପ୍ରକଳ୍ପରୁ ଠିକାଦାରଙ୍କ ତ୍ରୁଟି ନେଇ ଧାର୍ଯ୍ୟ ଜମିକୁ ପାଣି ମାଡି ପାରୁ ନ ଥିବା ଅଭିଯୋଗ ହୋଇଛି। ଚାଷୀଙ୍କ ସହ ପରାମର୍ଶ ନକରି ଅଦରକାରୀ ସ୍ଥାନରେ ଆଉଟଲେଟ ଦିଆଯିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଶ୍ରାବଣ ମାସର ଅଧାଦିନ ବିତିଥିଲେ ବି ବର୍ଷା ନ ହେବାରୁ ଚଳିତ ବର୍ଷ ମରୁଡି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ସୃଷ୍ଟି ହୋଇଛି। ପରିସ୍ଥିତି ଅଧିକ ସଙ୍ଗୀନ ହେବା ପୂର୍ବରୁ ରାଜ୍ୟ ସରକାର ଚାଷୀଙ୍କ କଲ୍ୟାଣ ପାଇଁ ଏବେଠାରୁ ବ୍ୟାପକ ପଦକ୍ଷେପ ନେବା ଆବଶ୍ୟକ ହୋଇପଡିଥିବା ଦାବି ହେଉଛି।